୦୭ ଡିସେମ୍ବର ୨୦୨୫ ରବିବାର

ଅପୌଷ୍ଟିକ ଆହାର

ମଣିଷ ଶରୀରର ଗଠନ ସମ୍ପୂର୍ଣ୍ଣ ଭାବେ ସେ ଖାଉଥିବା ଖାଦ୍ୟ ଉପରେ ନିର୍ଭର କରିଥାଏ । ଶରୀରର ମୂଳଦୁଆ ଭାବେ ପୋଷଣ କାର୍ଯ୍ୟ କରିଥାଏ । ତେବେ ଭାରତୀୟଙ୍କ ନିକଟରେ ଦେଖିବାକୁ ମିଳିଥାଏ କିଛି ନିର୍ଦ୍ଦିଷ୍ଟ ପୋଷଣର ଅଭାବ, ଯାହା ସେମାନଙ୍କର ସାମଗ୍ରିକ ବୃଦ୍ଧି ଉପରେ ପ୍ରଭାବ ପକାଇଥାଏ ।

ମଣିଷର ସ୍ୱାସ୍ଥ୍ୟ ହେଉଛି ସବୁଠାରୁ ବଡ ସମ୍ପଦ । ସ୍ୱାସ୍ଥ୍ୟ ନଥିଲେ କିଛି ନାହିଁ ବୋଲି ଏକ ଉକ୍ତି ରହିଛି, ଯାହା ଅନେକ ସମୟରେ ପ୍ରମାଣିତ ହୋଇଥାଏ । ତେବେ ଜଣେ ବ୍ୟକ୍ତିଙ୍କର ସୁସ୍ଥ ଜୀବନଶୈଳୀ ଅଧିକାଂଶଭାବେ ତାଙ୍କ ଖାଦ୍ୟପେୟ ଉପରେ ନିର୍ଭର କରିଥାଏ । ତେବେ ଅନେକ ସମୟରେ ଦେଖିବାକୁ ମିଳିଥାଏ ବିଶ୍ୱର କିଛି ଦେଶରେ ନିର୍ଦ୍ଦିଷ୍ଟ ପୋଷଣର ଅଭାବ ରହିଥାଏ । ଏହି ତାଲିକାରେ ଆମ ଭାରତ ମଧ୍ୟ ସାମିଲ ରହିଛି । ସର୍ଭେ ଅନୁସାରେ ଭାରତୀୟଙ୍କ ଖାଦ୍ୟ ପ୍ଲେଟରେ ଏଭଳି ଅନେକ ପୋଷଣର ଅଭାବ ରହୁଛି, ଯାହା ସେମାନଙ୍କ ଶରୀରରେ ବିଭିନ୍ନ ପୋଷଣର ଅଭାବ ସୃଷ୍ଟି କରୁଛି । ଭାରତୀୟଙ୍କ ପ୍ଲେଟରେ ଅନେକ ଭିଟାମିନର ଅଭାବ ରହୁଛି ଯାହାର କାରଣ ଖାଦ୍ୟ ଖାଇବାର ପ୍ରଣାଳୀ, ଆର୍ଥିକ ପ୍ରଭାବ ସହିତ ଆଞ୍ଚଳିକ ଭେଦଭାବ ରହୁଛି ।

ଭାରତୀୟଙ୍କ ଖାଦ୍ୟ ଅଭ୍ୟାସ

ଭାରତ ଏକ କୃଷିପ୍ରଧାନ ଦେଶ । ତେବେ ଭାରତୀୟଙ୍କ ଖାଦ୍ୟ ପ୍ଲେଟରେ ଅଧିକମାତ୍ରାରେ ଆଇରନ, କ୍ୟାଲସିଅମ ସହିତ ଅନେକ ପୋଷଣର ଅଭାବ ରହିଥାଏ । ଅନେକ ଲୋକ ଏଭଳି ଅଛନ୍ତି ବଜାରରେ ମିଳୁଥିବା ପ୍ରୋସେସ୍ଡ ଫୁଡକୁ ପ୍ରାକୃତିକ ଓ ଭଲ ଖାଦ୍ୟଭାବେ ଗ୍ରହଣ କରିଥାଆନ୍ତି । ହେଲେ ଏଗୁଡିକ ଶରୀରରେ ଅନେକ ପୋଷଣର ଅଭାବ ସୃଷ୍ଟି କରିଥାଏ । ସେହିଭଳି ବିଭିନ୍ନ ଅଞ୍ଚଳର ଖାଦ୍ୟ ମଧ୍ୟ ସେଠିକାର ଚାଷ ଓ ଭୌଗଳିକ ସ୍ଥିତି ଅନୁଯାୟୀ ଭିନ୍ନ ହୋଇଥାଏ । ଅନେକସ୍ଥାନରେ କେବଳ ଶାକାହାରୀ ଲୋକ ଦେଖିବାକୁ ମିଳନ୍ତି । ଯେଉଁମାନେ ଆମ ଶରୀରକୁ ଆମିଷରୁ ମିଳୁଥିବା ପୋଷଣର ବିକଳ୍ପ ଖାଦ୍ୟ ଖାଇନଥାନ୍ତି । ଯାହାଫଳରେ ଅନେକ ପୋଷଣର ଅଭାବ ରହିଥାଏ । ସମାନଭାବେ କିଛି ସ୍ଥାନରେ କେବଳ ଆମିଷ ଖାଦ୍ୟ ଉପରେ ଧ୍ୟାନ ଦିଆଯାଇଥାଏ ଏବଂ ସବୁଜ ଖାଦ୍ୟ ଯଥା ପନିପରିବାକୁ ଧ୍ୟାନ ଦିଆଯାଇ ନଥାଏ । ଏପରିସ୍ଥଳେ ସେମାନଙ୍କ ନିକଟରେ ମଧ୍ୟ ପୋଷଣର ଅଭାବ ଦେଖିବାକୁ ମିଳିଥାଏ । ସେହିଭଳି ଖାଦ୍ୟ ପ୍ରସ୍ତୁତ କରିବାର ପାରମ୍ପରିକ ପ୍ରକ୍ରିୟା ମଧ୍ୟ ଖାଦ୍ୟରେ ବିଭିନ୍ନ ପୋଷଣର ଅଭାବ ସୃଷ୍ଟି କରିଥାଏ । ଖାଦ୍ୟକୁ ଅଧିକ ସିଝାଇବା କିମ୍ବା ଛାଣିବା ଦ୍ୱାରା ବେଳେବେଳେ ଏଥିରେ ଥିବା ପୋଷଣ ନଷ୍ଟ ହୋଇଥାଏ । ଏଭଳି ଅନେକ କାରଣ ରହିଛି ଯେଉଁ କାରଣରୁ ଭାରତୀୟଙ୍କ ପ୍ଲେଟରେ ସମସ୍ତ ପୋଷଣ ରହିନଥାଏ । ଯାହା ଅନେକ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ ।

ପ୍ରଭାବ

ପୋଷଣର ଅଭାବ ଭାରତରେ ଥିବା ବିଭିନ୍ନ ବୟସ ଓ ବର୍ଗର ଲୋକଙ୍କୁ ପ୍ରଭାବିତ କରିଥାଏ । ହେଲେ ଏଭଳି କିଛି ବର୍ଗର ଲୋକ ଅଛନ୍ତି ଯେଉଁମାନେ ବିଶେଷଭାବେ ପ୍ରଭାବିତ ହୋଇଥାଆନ୍ତି । ବିଶେଷକରି ୬ ରୁ ୨୩ ମାସ ଓ ୧୨ରୁ ୧୫ ବର୍ଷର ପିଲାଙ୍କ ଉପରେ ଏହାର ବିଶେଷ ପ୍ରଭାବ ଦେଖିବାକୁ ମିଳିଥାଏ । ବିଶେଷଭାବେ ଭାରତରେ ଭିଟାମିନ ଡି, କ୍ୟାଲସିଅମ ଓ ଭିଟାମିନ ବି ୧୨ ଭଳି ଅନେକ ପୋଷଣର ଅଭାବ ଦେଖିବାକୁ ମିଳେ । ପୋଷଣ ଅଭାବ କାରଣରୁ ଅନେକ କ୍ରୋନିକ ସ୍ୱାସ୍ଥ୍ୟ ସମସ୍ୟା ଦେଖିବାକୁ ମିଳିଥାଏ । ବିଶେଷଭାବେ କିଶୋରୀ ବା ମହିଳାମାନେ ବିଭିନ୍ନ ରୋଗରେ ପିଡିତ ହୋଇଥାଆନ୍ତି ।

ଆଇରନର ଅଭାବ





କାରଣରୁ ଆନେମିଆ ଏବଂ ଭିଟାମିନ ଡିର ଅଭାବ ସେମାନଙ୍କର ବିଭିନ୍ନ ସମସ୍ୟାର କାରଣ ପାଲଟିଥାଏ । କେବଳ ମହିଳା ନୁହେଁ ପୁରୁଷଙ୍କ ନିକଟରେ ମଧ୍ୟ ଅନେକ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା ଦେଖିବାକୁ ମିଳିଥାଏ। ଯାହା ପିଲାଦିନୁ ପୋଷଣର ଅଭାବ କାରଣରୁ ଦେଖିବାକୁ ମିଳିଥାଏ । ତେଣୁ ସବୁବେଳେ ପିଲାଦିନୁ ହିଁ ଖାଦ୍ୟର ବିଶେଷ ଧ୍ୟାନ ରଖିବାକୁ ହୋଇଥାଏ । ଯେପରି ପିଲାକୁ ସବୁ ପ୍ରକାରର ପୋଷଣ ମିଳିବ ସେଥିପ୍ରତି ଅଭିଭାବକଙ୍କୁ ଧ୍ୟାନ ଦେବାକୁ ହେବ । ଏଥିସହିତ ନିଜ ଖାଦ୍ୟର ମଧ୍ୟ ଧ୍ୟାନ ରଖିବାକୁ ପଡିବ ।

ପୁରୁଷ ଓ ମହିଳାଙ୍କ ଭିତରେ ଭିନ୍ନତା

ସଧାରଣତଃ ଗୋଟିଏ ପୁରୁଷ ଓ ମହିଳା ଭିତରେ ଶାରିରୀକ କ୍ଷେତ୍ରରେ ଅନେକ ଭିନ୍ନତା ରହିଥାଏ । ପୁରୁଷ ଶରୀର ଭିନ୍ନ ପୋଷଣ ଆବଶ୍ୟକ ହୋଇଥାଏ ଏବଂ ଜଣେ ମହିଳାର ମଧ୍ୟ ଭିନ୍ନ ପୋଷଣ ଦରକାର ହୋଇଥାଏ । ବିଭିନ୍ନ ସମୟରେ ହୋଇଥିବା ରିସର୍ଚ୍ଚ ଅନୁସାରେ ସାଧାରଣତଃ ମହିଳାମାନଙ୍କ ଖାଦ୍ୟରେ ଆୟୋଡିନର ଅଭାବଥାଏ ଏବଂ ପୁରୁଷଙ୍କ ଖାଦ୍ୟରେ ଜିଙ୍କ ଓ ମ୍ୟାଗ୍ନେସିଅମର ମାତ୍ରା ଅଧିକ ଥାଏ । ନିକଟରେ ବିଶ୍ୱର ୧୮୫ଟି ଦେଶରେ ଏକ ସର୍ଭେ କରାଯାଇଥିଲା, ଯେଉଁଥିରେ ଅନେକ ତଥ୍ୟ ସାମନାକୁ ଆସିଥିଲା । ଏହି ତଥ୍ୟ ଅନୁସାରେ ବିଶ୍ୱରେ ପାଖାପାଖି ୫ବିଲିଅନ ଲୋକ ଭଲ ପୋଷଣରେ ଭରପୂର ଖାଦ୍ୟ ଖାଉ ନାହାନ୍ତି । ଯେଉଁ କାରଣରୁ ମହିଳାଙ୍କ କ୍ଷେତ୍ରରେ ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦେଖିବାକୁ ମିଳିଥାଏ । ପୋଷଣ ଖାଦ୍ୟ ନଖାଇବା ଦ୍ୱାରା ଆମ ଶରୀରରେ କିଛି ପ୍ରଭାବ ଦୀର୍ଘଦିନ ରହୁଥିବା ବେଳେ କିଛି ବହୁତ ସମୟଧରି ରହିଥାଏ । ଭିଟାମିନ ବି ୧୨ ଓ ଆଇରନ ଅଭାବରେ ଆନେମିଆ ଭଳି ରୋଗ ହୋଇଥାଏ। ସେହିଭଳି ଭିଟାମିନ ଡି ଓ ଅନ୍ୟ ପୋଷଣ ଅଭାବରେ ଏନେକ ସ୍ୱାସ୍ଥ୍ୟ ସମସ୍ୟା ହୋଇଥାଏ ।

ଅଭାବ ରହିଥାଏ କେଉଁ ପୋଷଣ

ଭାରତୀୟଙ୍କ ଶରୀରରେ ସାଧାରଣତଃ କିଛି ନିର୍ଦ୍ଦିଷ୍ଟ ପୋଷକ ତତ୍ୱର ଅଭାବ ଦେଖିବାକୁ ମିଳିଥାଏ । ଯାହାର ଅଭାବ ସେମାନଙ୍କୁ ଅନେକ ସ୍ୱାସ୍ଥ୍ୟ ସମସ୍ୟାରେ ପିଡିତ କରିଥାଏ । ତେବେ ଆସନ୍ତୁ ଜାଣିବା କଣେ ଏହି ପୋଷକ ତତ୍ୱ ଯାହା ବିଶେଷଭାବେ ଭାରତୀୟଙ୍କ ନିକଟରେ ଅଭାବ ଦେଖିବାକୁ ମିଳିଥାଏ ।

ଭିଟାମିନି ଡି

ଭାରତରେ ସୂର୍ଯ୍ୟକିରଣର ଅଭାବ ନାହିଁ ହେଲେ ଏଠାରେ ଭିଟାମିନ ଡିର ଅଭାବ ଦେଖିବାକୁ ମିଳିଥାଏ । ଯେଉଁକାରଣରୁ ଆମ ଶରୀରରେ କ୍ୟାଲସିଅମ ଅବଶୋଷଣ ହୋଇପାରେ ନାହିଁ। ଯାହାଫଳରେ ହାଡ ଶକ୍ତ ହେବାରୁ ବଞ୍ଚିତ ହୋଇଥାଏ।

ଭିଟାମିନ୍ ବି ୧୨

ବିଶେଷଭାବେ ଯେଉଁମାନେ ଶାକାହାରୀ ସେମାନଙ୍କ ନିକଟରେ ଭିଟାମିନ ବି ୧୨ର ଅଭାବ ଦେଖିବାକୁ ମିଳିଥାଏ। କାରଣ ଏହା ଉଦ୍ଭିଦଜାତ ଖାଦ୍ୟରେ ମିଳିନଥାଏ । ଏହା ଆମ ଶରୀରରେ ସ୍ନାୟୁର ପରିଚାଳନା, ରେଡ ବ୍ଲଡ ସେଲର ନିର୍ମାଣରେ ଏହାର ଉପଯୋଗିତା ଅଧିକ ରହିଛି । ସେହିଭଳି ଏହା ଅଭାବରେ ଆମକୁ ଥକ୍କା ଲାଗିବା ସହିତ ଆମ ସ୍ମୃତି ଶକ୍ତି ଉପରେ ମଧ୍ୟ ଏହାର ପ୍ରଭାବ ପଡିଥାଏ ।

ଭିଟାମିନ ବି ୯

ଏହାର ଅଭାବ ଭାରତରେ ଖୁବ ଅଧିକ ମାତ୍ରାରେ ରହିଛି । କିଛି ସର୍ଭେ ଅନୁସାରେ ଗ୍ରାମୀଣ ଅଞ୍ଚଳର ୪୧ ପ୍ରତିଶତ ଲୋକ

ଅଭାବରେ ବଞ୍ଚିଛନ୍ତି । ଭିଟାମିନ୍ ୯ଥିବା ଖାଦ୍ୟ ନଖାଇବା ଦ୍ୱାରା ଏହାର ଅଭାବ ଦେଖିବାକୁ ମିଳିଥାଏ । ଏହାର ଅଭାବରେ ଆନେମିଆ, ଏନ୍ଟିଡି, ଥକ୍କା ଲାଗିବା, ମାଉଥ ସୋର, ଦୃଷ୍ଟି ଶକ୍ତି କମିବା, ସ୍ମୃତିଶକ୍ତି କମିବା ଭଳି ସମସ୍ୟା ହୋଇଥାଏ ।

କ୍ୟାଲସିୟମ

ଆମ ଶରୀରର ହାଡକୁ ଶକ୍ତ କରିବା ପାଇଁ କ୍ୟାଲସିୟମର ଆବଶ୍ୟକ ହୋଇଥାଏ । ଅନେକ ଲୋକ କ୍ୟାଲସିୟମ ଥିବା ଖାଦ୍ୟ ଖୀର, ଛେନା ଆଦି କମ ଖାଇଥାଆନ୍ତି, ଯାହାଫଳରେ ଶରୀରରେ କ୍ୟାଲସିୟମର ଅଭାବ ଦେଖିବାକୁ ମିଳିଥାଏ । ଏହା ବିଶେଷଭାବେ ଶରୀରର ହାଡ ଉପରେ ପଡିଥାଏ ।

ଆୟୋଡିନ

ଆୟୋଡିନର ଅଭାବରେ ଆମର ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦେଖିବାକୁ ମିଳିଥାଏ । ଏହା ବିଶେଷଭାବେ ଥାଇରଏଡ ହର୍ମୋନ ସହିତ ଜଡିତ, ଯାହା ଆମର ଶାରିରୀକ ବିକାଶରେ ସାହାଯ୍ୟ କରିଥାଏ । ଏହାବ୍ୟତିତ ଆହୁରି ଅନେକ ସମସ୍ୟା ମଧ୍ୟ ଆୟୋଡିନର ଅଭାବରେ ଦେଖିବାକୁ ମିଳିଥାଏ ।

ଜିଙ୍କ

ଭାରତରେ ବିଶେଷଭାବେ ଶିଶୁଙ୍କ କ୍ଷେତ୍ରରେ ଜିଙ୍କର ଅଭାବ ଦେଖିବାକୁ ମିଳିଥାଏ । ବିଶେଷଭାବେ ୬ ମାସରୁ ୧୮ ବର୍ଷ ପିଲାଙ୍କ କ୍ଷେତ୍ରରେ ଜିଙ୍କ ଅଭାବ ଦେଖିବାକୁ ମିଳିଥାଏ । କେବଳ ପିଲା ନୁହେଁ ବଡମାନଙ୍କ କ୍ଷେତ୍ରରେ ମଧ୍ୟ ଏହି ଅଭାବ ଦେଖିବାକୁ ମିଳିଥାଏ । ଏହାର ପ୍ରଭାବ ରୋଗପ୍ରତିରୋଧକ ଶକ୍ତି ଉପରେ ପଡିଥାଏ । ସେହିଭଳି କ୍ଷତ ଭଲହେବାକୁ ମଧ୍ୟ ଅଧିକ ସମୟ ଲାଗିଥାଏ ।

ଖାଦ୍ୟର ରଖନ୍ତୁ ଧ୍ୟାନ

ଅନେକ ସମୟରେ ଆମ ଖାଇବାରେ ବିଭିନ୍ନ ପୋଷଣର ଅଭାବ ରହିଯାଇଥାଏ । ତେବେ ଅନେକ ସମୟରେ ଏହା ଆମ ଅଜାଣତରେ ହୋଇଥାଏ । ଆମେ ଅଜାଣତରେ ଅନେକ ଖାଦ୍ୟ ଆମ ପ୍ଲେଟରେ ରଖିନଥାଉ ଯାହାଫଳରେ ବିଭିନ୍ନ ପୋଷଣର ଅଭାବ ଦେଖିବାକୁ ମିଳିଥାଏ । ଆସନ୍ତୁ ଜାଣିବା କେଉଁ ପୋଷଣ ଅଭାବକୁ ଦୂର କରିବା ପାଇଁ କେଉଁ ଖାଦ୍ୟ ଖାଇବା । ତେବେ ଖାଦ୍ୟ ଖାଇବା ସହିତ ଡାକ୍ତରଙ୍କ ପରାମର୍ଶରେ ଔଷଧ ମଧ୍ୟ ଗ୍ରହଣ କରିବାକୁ ପଡିପାରେ , ତେଣୁ ପ୍ରଥମେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ତାପରେ ପଦକ୍ଷେପ ନିଅନ୍ତୁ ।

ପଦକ୍ଷେପ

ସରକାରଙ୍କ ପକ୍ଷରୁ ଭାରତରେ ଦେଖିବାକୁ ମିଳୁଥିବା ପୋଷଣ ଅଭାବକୁ ଦୂର କରିବା ପାଇଁ ଅନେକ ପଦକ୍ଷେପ ନିଆଯାଉଛି । ବିଭିନ୍ନ ପ୍ରକାରର ସ୍କିମ ସହାୟତାରେ ସମସ୍ତଙ୍କୁ କିଭଳି ଭଲ ଖାଦ୍ୟ ସହ ଡାକ୍ତରୀ ଚିକିତ୍ସା ମିଳିପାରିବ ସେନେଇ ସରକାର ଅନେକ ପଦକ୍ଷେପ ନେଉଛନ୍ତି । ତେବେ ଆସନ୍ତୁ ପଢିବା ସେହିଭଳି କିଛି ସ୍କିମ ସମ୍ପର୍କରେ ।

ପୋଷଣ ଅଭିଯାନ

ଏହି ଅଭିଯାନ ବିଶେଷଭାବେ ଜନ୍ମ ହେବା ଶିଶୁଠାରୁ ୬ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ । ଏହାର ମୂଳ ଲକ୍ଷ ପିଲାଙ୍କୁ କୁ ପୋଣଷରୁ ଦୂରରେ ରଖିବା । ବିଶେଷଭାବେ ଆନେମିଆକୁ ରୋକିବା, ସଠିକ ଓଜନ ଏବଂ ଉଚ୍ଚତାକୁ ତଦାରଖ କରିବା ଏହି ଅଭିଯାନର ଦାୟିତ୍ୱ । ସଠିକ୍ ଭାବେ ବୈଜ୍ଞାନିକ ପଦ୍ଧତିରେ ପିଲାଙ୍କର ଓଜନ ଓ ଉଚ୍ଚତାକୁ ଏହା ଦେଖାରେଖା କରିଥାଏ । ଏହି ଅଭିଯାନରେ କାର୍ଯ୍ୟରତ କର୍ମଚାରୀମାନେ ବିଭିନ୍ନ ମୋବାଇଲ ଆପ ଓ ଟେକ୍ନୋଲୋଜିର ବ୍ୟବହାର କରି ପିଲାଙ୍କର ସବିଶେଷ ବିବରଣୀକୁ ଟ୍ରାକ କରିଥାଆନ୍ତି । ଯାହାଫଳରେ ଶିଶୁଙ୍କର କୌଣସି ସମସ୍ୟାଥିଲେ ସହଜରେ ଜଣାପଡିଥାଏ । ଏଥିରେ ଅଭିଭାବକଙ୍କୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଥାଏ ।

ଆସିଡିଏସ୍

ଆସିଡିଏସ ଅର୍ଥାତ ଇଣ୍ଟିଗ୍ରେଟେଡ ଚାଇଲ୍ଡ

ଭିଟାମିନ ଡି

- ସକାଳୁ ଖରାରେ ୧୦ରୁ ୨୦ ମିନିଟ ଠିଆ ହେବା
- ଖୀର
- ଦହି
- ଶସ୍ୟ
- ଅଣ୍ଡା କେଶର
- ସାଲମନ ଓ ସାର୍ଡିନେସ ମାଛ

ଭିଟାମିନ ବି ୧୨

- ଖୀର
- ଦହି
- ପନିର
- ଶସ୍ୟ
- ଅଣ୍ଡା
- ଚିକେନ
- ମାଛ

ଆଇରନ

- ପାଳଙ୍ଗ ଶାଗ
- ମେଥି ଶାଗ
- ଗୁଡ
- ରାଶି
- ଚଣା
- ରାଜମା
- କିସମିସ
- ଖଜୁରୀ

କ୍ୟାଲସିଅମ

- ଆଲମଣ୍ଡ
- ପନିର
- ଦହି
- ରାଶି
- ଟୋଫୁ
- ସୋୟା ମିଲ୍କ

ଭିଟାମିନ ବି ୯

- ପାଳଙ୍ଗ
- ବ୍ରୋକଲି
- ବିଟରୁଟ
- ରାଜମା
- ଛୋଲେ
- ଖଟା ଫଳ

ଜିଙ୍କ

- କଖାରୁ ମଞ୍ଜି
- ବାଦାମ
- କାଜୁ
- ଶସ୍ୟ



ସହଜରେ ଜଣାପଡିଥାଏ । ଏଥିରେ ଅଭିଭାବକଙ୍କୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଥାଏ ।

ଆସିଡିଏସ୍

ଆସିଡିଏସ ଅର୍ଥାତ ଇଣ୍ଟିଗ୍ରେଟେଡ ଚାଇଲ୍ଡ ଡେଭଲପମେଣ୍ଟ ସର୍ଭିସ ଅଧିନରେ ଗର୍ଭବତୀ, ଛୁଆକୁ ଖୀର ଦେଉଥିବା ମହିଳାଙ୍କ ସହିତ ଜନ୍ମ ହେବା ଠାରୁ ୬ ବର୍ଷ ପର୍ଯ୍ୟନ୍ତ ଶିଶୁ ଆସିଥାଆନ୍ତି । ଏହି ପ୍ରକଳ୍ପରେ ସମସ୍ତଙ୍କୁ ବିଭିନ୍ନ ପ୍ରକାର ପୋଷଣରେ ଭରପୁର ଖାଦ୍ୟ, ଜଳଖିଆ, ରାସନ ଆଦି ପ୍ରଦାନ କରାଯାଇଥାଏ । ମାଆଙ୍କୁ କିଭଳି ଶିଶୁର ଯତ୍ନ ନେବାକୁ ହେବ ସେନେଇ ଶିକ୍ଷା ମଧ୍ୟ ପ୍ରଦାନ କରାଯାଇଥାଏ । କିଛି କିଛି ସମୟ ବ୍ୟବଧାନରେ କିଭଳି ପିଲାଙ୍କୁ ଲାଳନ ପାଳନ କରାଯିବ ସେନେଇ ଶିକ୍ଷା ଦିଆଯାଇଥାଏ । ସେହିଭଳି ପିଲାଙ୍କର ବିଭିନ୍ନ ଟିକାକୁ ମଧ୍ୟ ଏଥିରେ ଟ୍ରାକ କରାଯାଇଥାଏ, କିଭଳି ଶିଶୁ ସମସ୍ତ ପ୍ରକାରର ଟିକା ନେବ ସେଥିପ୍ରତି ଧ୍ୟାନ ଦିଆଯାଇଥାଏ । ଏହି ପ୍ରକଳ୍ପ ଅଧୀନରେ ମାଆକୁ ବିଭିନ୍ନ ଶିକ୍ଷା ପ୍ରଦାନ କରାଯାଇଥାଏ ।

ମଧ୍ୟାହ୍ନ ଭୋଜନ

ଏହି ସ୍କିମରେ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଦେବାର ବ୍ୟବସ୍ଥା କରାଯାଇଥାଏ । ଏଥିରେ ଭାତ, ଡାଲି, ପରିବା ତରକାରୀ, ଖୀର, ଅଣ୍ଡା, ଆଇରନରେ ଭରପୁର ଖାଦ୍ୟ ଦିଆଯାଇଥାଏ । ଏହି ସ୍କିମ ସହାୟତାରେ ସ୍କୁଲଯାଉଥିବା ପିଲାଙ୍କର ବିଭିନ୍ନ ପୋଷଣକୁ ପୂର୍ଣ୍ଣ କରାଯାଇଥାଏ । ଭାରତରେ ଏଭଳି ଅନେକ ପରିବାର ଅଛନ୍ତି ଯେଉଁମାନେ ଅନେକ ସମୟରେ ଦୁଇଓଳି ଖାଇବାକୁ ପାଇ ନଥାଆନ୍ତି, ଯେଉଁ କାରଣରୁ ସେମାନଙ୍କର ବିଭିନ୍ନ ପୋଷଣ ଅଭାବ ଦୂର ହୋଇଥାଏ ।

ରକ୍ତହୀନତା ମୁକ୍ତ ଭାରତ

ଏହାର ମୁଖ୍ୟ ଉଦ୍ଦେଶ୍ୟ ଭାରତରୁ ରକ୍ତ ହୀନତା ଦୂର କରିବା । ପ୍ରତି ସପ୍ତାହରେ ସ୍କୁଲ ପିଲାଙ୍କ ଠାରୁ ଆରମ୍ଭ କରି କିଶୋର କିଶୋରୀଙ୍କୁ ଏହା ପ୍ରଦାନ କରାଯାଇଥାଏ । ସେହିଭଳି ଲୋକଙ୍କୁ ସଚେତନ କରାଯାଇଥାଏ କି ଆଇରନ ଥିବା ଖାଦ୍ୟ ଖାଇବା ପାଇଁ । ସେହିଭଳି ସରକାରଙ୍କ ପକ୍ଷରୁ ଆନେମିଆ ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ମଧ୍ୟ ପ୍ରଦାନ କରାଯାଇଥାଏ ।

ମାତୃ ବନ୍ଦନା ଯୋଜନା

ଏହି ଯୋଜନାରେ ବିଶେଷଭାବେ ଗର୍ଭବତୀ ଓ ଶିଶୁଙ୍କୁ ଖୀର ଖୁଆଉଥିବା ମହିଳା ସାମିଲ ହୋଇଥାଆନ୍ତି । ଏହି ଯୋଜନା ଅଧୀନରେ ଏମାନଙ୍କୁ ବିଭିନ୍ନ ପ୍ରକାର ସାହାଯ୍ୟ ଦିଆଯାଇଥାଏ । ସେମାନଙ୍କୁ ବିଭିନ୍ନ ବିଷୟରେ ବୁଝାଯାଇଥାଏ ଯଥା କିଭଳି ନିଜର ଯତ୍ନ ନେବ, କିଭଳି ଶିଶୁର ଯତ୍ନ ନେବ । କିଭଳି ନିଜେ ଭଲ ଖାଇବା ସହିତ ଶିଶୁର ଖାଦ୍ୟପେୟର ଯତ୍ନ ନେବ । ଏହାସହ ସେମାନଙ୍କୁ ଆର୍ଥିକ ସହାୟତା ମଧ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥାଏ ।

ପୋଷଣ ଟ୍ରାକର ଆପ

ସରକାରଙ୍କ ପକ୍ଷରୁ ଟେକ୍ନୋଲୋଜିକୁ ଏ ସମସ୍ତ ଯୋଜନାକୁ ଟ୍ରାକ କରିବା ପାଇଁ ବ୍ୟବହାର କରାଯାଉଛି । ପୋଷଣ ଟ୍ରାକର ନାଁରେ ଏକ ଆପ ପ୍ରସ୍ତୁତ କରାଯାଇଛି । ଯେଉଁଥିରେ ଶିଶୁଙ୍କର ଉଚ୍ଚତା, ଓଜନ ଓ ବୟସକୁ ଟ୍ରାକ କରାଯାଇଥାଏ । ଏହାକୁ ଟ୍ରାକ କରିବା ଫଳରେ ପିଲାଙ୍କର କେଉଁ ପୋଷଣ ଅଭାବ ଅଛି ସେ ବିଷୟରେ ଜାଣି ହୋଇଥାଏ । ସେହିଭଳି ଏଥିରେ ଅନ୍ୟ କଥାକୁ ମଧ୍ୟ ଟ୍ରାକରେ ରଖାଯାଇଥାଏ ।





ବ୍ୟଞ୍ଜନ ଦ୍ୱାଦଶୀ

ଶ୍ରୀ ଜଗନ୍ନାଥ ମନ୍ଦିରରେ ବାରମାସରେ ତେର ପର୍ବ ପାଳନର ବିଧି ରହିଛି । ସେହିକ୍ରମରେ କିଛି ଦିନ ତଳେ ଶ୍ରୀମନ୍ଦିରରେ ପାଳନ ହୋଇଥିଲା ବ୍ୟଞ୍ଜନ ଦ୍ୱାଦଶୀ । ଶ୍ରୀଜୀୟୁଙ୍କର ଏହି ପର୍ବ ସମ୍ପର୍କରେ ଖୁବ କମ ଲୋକ ଜାଣନ୍ତି, ହେଲେ ଏହା ବେଶ୍ ନିଆରା ପର୍ବ ହୋଇଥାଏ । ଏହାର କୀମ୍ବଦନ୍ତୀ ଖୁବ ପୁରୁଣା ଓ ସ୍ୱତନ୍ତ୍ର । ଓଡ଼ିଆ ପଞ୍ଜିକାରେ ମାର୍ଗଶୀର ଶୁକ୍ଳ ପକ୍ଷ ଦ୍ୱାଦଶୀ ବ୍ୟଞ୍ଜନ ଦ୍ୱାଦଶୀ ବା ଅଖଣ୍ଡ ଦ୍ୱାଦଶୀ ନାମରେ ଜଣା । ଏହି ଦ୍ୱାଦଶୀରେ ଅନୁଷ୍ଠିତ ଧର୍ମକର୍ମର ନିଶ୍ଚିତ ଫଳ ମିଳେ ବୋଲି ଲୋକ ବିଶ୍ୱାସ ରହିଛି । ବ୍ୟଞ୍ଜନ ଦ୍ୱାଦଶୀ ଗୌଡ଼ୀୟ ବୈଷ୍ଣବ ସଂପ୍ରଦାୟର ଅନୁଗାମୀମାନଙ୍କର ଏକ ପ୍ରମୁଖ ପର୍ବ । ଦିନଟି କୃଷ୍ଣଙ୍କ ପାଇଁ ସମର୍ପିତ ।

ଶ୍ରୀମନ୍ଦିରର ଭୋଗ ଓ ପର୍ବ ତାଲିକା ଖୁବ ଲମ୍ବା । ପ୍ରତିଦିନ ଏଠାରେ ଅନେକ ପର୍ବ ପାଳନ ହୋଇଥାଏ ଯେଉଁଥିରେ ପ୍ରଭୁଙ୍କ ପାଖରେ ବିଭିନ୍ନ ପ୍ରକାର ଭୋଗ ଲାଗି କରାଯାଇଥାଏ । ସେହିଭଳି ଏକ ପର୍ବ ହେଲା ବ୍ୟଞ୍ଜନ ଦ୍ୱାଦଶୀ ।

କିମ୍ବଦନ୍ତୀ

ମନ୍ଦିରରେ ପାଳନ ହେଉଥିବା ଅନ୍ୟ ପର୍ବ ଭଳି ଏହାର କିମ୍ବଦନ୍ତୀ ମଧ ଖୁବ ପୁରୁଣା । କିମ୍ବଦନ୍ତୀ ଅନୁସାରେ ମା' ଯଶୋଦା ହଠାତ ଦିନେ ଦେଖିଲେ ଯେ ତାଙ୍କ ଏକୋଇର ବଳା ବିଶିକେଶନ କାହ୍ନାର ଦେହ ଝଡ଼ି ଯାଇଛି । ମା'ଙ୍କ ଆଖିକୁ ସେ ଶୁଖି କଳାକାଠ ପଡ଼ି ଯାଇଥିବା ଦେଖାଗଲେ । ଏତିକିରେ ମା' ଉଛନ୍ନ ହୋଇଗଲେ । ଭାବିଲେ ନଖାଇ ନପିଇ ସେ ଏମିତି ହୋଇଗଲାଣି । ସେଠୁ ଯଶୋଦା ନିଜେ ରୋଷେଇ ଘରକୁ ଯାଇଁ ନାନାଦି ପ୍ରକାରର ପୁଷ୍ଟିକର ତଥା ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରି କୃଷ୍ଣଙ୍କୁ ଖୁଆଇଲେ । ଶ୍ରୀଚୈତନ୍ୟ ମହାପ୍ରଭୁ ମଧ ବାଲ୍ୟକାଳରେ ନିଜ ମା'ଙ୍କ ପରଷା ବହୁବିଧ ଖାଦ୍ୟ ଖାଇଥିବାର ଶୁଣାକଥା ଅଛି । ଏହି ଦୁଇଟି ଶୁଣାକଥାକୁ ମିଶାଇ ଗୌଡ଼ୀୟ ବୈଷ୍ଣବମାନେ ନିଷ୍ଠାର ସହିତ ବ୍ୟଞ୍ଜନ ଦ୍ୱାଦଶୀ ପାଳନ କରିଥାନ୍ତି ।

ଶ୍ରୀକ୍ଷେତ୍ରରେ ପାଳନ

ଦ୍ୱାପର ଯୁଗର କଥା ଯଶୋଦା ଓ କୃଷ୍ଣଙ୍କ କାହାଣୀ କୃଷ୍ଣ ଲୀଳା, ପୁରୀର ବିଭିନ୍ନ ମଠବାଡ଼ିରେ ଅଭିନୀତ ହୁଏ, ବିଶେଷକରି ମାତାମଠରେ । କୃଷ୍ଣ ଓ ଯଶୋଦାଙ୍କର ସେହି କଥା ମନେ ପକାଇବାକୁ ପୁରୀର ମାତା ମଠ ବା ଗୌର ବିହାର ଆଶ୍ରମରେ ଭିନ୍ନ ଭିନ୍ନ ବର୍ଷରେ କେବେ ୫୦୫, କେବେ ୬୦୬ ଆଉ କେବେ ୫୫୫ ପ୍ରକାର ବ୍ୟଞ୍ଜନାଦି ଖାଦ୍ୟ ଭୋଗ କରିଥାନ୍ତି । ପ୍ରତି ବର୍ଷ ଏ ଭୋଗ ସଂଖ୍ୟା ବଦଳିଥାଏ । କୃଷ୍ଣଙ୍କୁ ଏସବୁ ଖାଦ୍ୟ ଅର୍ପଣ କରାଯାଏ । ଗତ କିଛିବର୍ଷ ଧରି ଆଶ୍ରମରେ ଏହି ଅବସରରେ ଶହ ଶହ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରାଯାଉଛି । ଏହି ଆଶ୍ରମରେ ପ୍ରତିବର୍ଷ ୩୦ରୁ ଅଧିକ ଅନ୍ତେବାସୀ ଅନ୍ନବ୍ୟଞ୍ଜନ ପ୍ରସ୍ତୁତ କରି ଶ୍ରୀକୃଷ୍ଣଙ୍କୁ ଭୋଗ ଲଗାଇଥାନ୍ତି । ଏହା ମଧ୍ୟରେ ଥାଏ ୫୦ରୁ ଅଧିକ ପ୍ରକାରର ଅନ୍ନ, ୫୦ରୁ ଅଧିକ ପ୍ରକାରର ଡାଲି, ୧୦୦ରୁ ଅଧିକ ପ୍ରକାର ତରକାରୀ, ୫୦ରୁ ଅଧିକ ପ୍ରକାର ଭଜା ଓ ୧୦୦ରୁ ଅଧିକ ପ୍ରକାର ପିଠା ଓ ମିଠା ଇତ୍ୟାଦି । ଆଶ୍ରମବାସୀ ପରିବାପତ୍ର କଟାକଟି କରିବା ସହିତ ଆନୁଷଙ୍ଗିକ ପ୍ରସ୍ତୁତି ପରେ ଅପରାହ୍ଣ ୨ଟାରୁ ଭୋଗ ପ୍ରସ୍ତୁତି ଆରମ୍ଭ କରାଯାଇଥାଏ । ପରେ ପ୍ରସାଦକୁ ଭକ୍ତମାନଙ୍କ ମଧ୍ୟରେ ବଣ୍ଟନ କରାଯାଏ । ଏତେ ପ୍ରକାର ବ୍ୟଞ୍ଜନ ପରଷିବା ପାଇଁ ସ୍ୱତନ୍ତ୍ର ଭାବେ ନିର୍ମିତ ଖଲିପତ୍ର ବ୍ୟବହାର କରାଯାଇଥାଏ । ଗୌର ବିହାର ବ୍ୟତୀତ ଶ୍ରୀକ୍ଷେତ୍ରରେ ଶ୍ରୀମନ୍ଦିର ଓ ଅନ୍ୟାନ୍ୟ ମଠ ମନ୍ଦିରରେ ମଧ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରି ଭୋଗ କରାଯାଏ । ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ୪୦୦ରୁ ଅଧିକ ବ୍ୟଞ୍ଜନରେ ଆପ୍ୟାୟିତ କରାଯାଏ ।

ମୃଣାଳ
mrinalchatterjeeiimc
@gmail.com

ଚିକିରି ଚିକିରି

ଏବେ 'ଚିକିରି ଚିକିରି' (ତେଲେଗୁ ଭାଷାରେ ଚିକିରି ଅର୍ଥ ସୁନ୍ଦରୀ ଆଉ ଟିକେ ନଟଖଟି, ଇଂରାଜିରେ କହିଲେ କ୍ୟୁଟ ଝିଅ) ବୋଲି ଗୋଟେ ତେଲୁଗୁ ଗୀତ ଭାରି ଭାଇରଲ ହୋଇଛି। ଅଧ କୋଟି ଉପରକୁ ଲୋକେ ଏହାକୁ ଦେଖି ସାରିଲେଣି। ଆସନ୍ତା ବର୍ଷ ମୁକ୍ତି ଲାଭ କରିବାକୁ ଥିବା 'ପେଡି' (ଅର୍ଥ: ସମ୍ମାନନୀୟ ଭଦ୍ରଲୋକ) ଚଳଚ୍ଚିତ୍ରର ଏ ଗୀତଟିକୁ ସମ୍ପ୍ରତି (ନଭେମ୍ବର ୭ ତାରିଖରେ) ରିଲିଜ କରାଯାଇଛି। ଏ.ଆର.ରହମାନଙ୍କ ସଂଗୀତ ନିର୍ଦ୍ଦେଶନାରେ ଏହାକୁ ଗାଇଛନ୍ତି ମୋହିତ ଚୌହାନ। ରାମ ଚରଣ ଏବଂ ଜାହ୍ନବୀ କପୁରଙ୍କ ଉପରେ ଚଳଚିତ୍ରାୟିତ ହୋଇଛି। ନୃତ୍ୟ ନିର୍ଦ୍ଦେଶକ ଜନି ମାଷ୍ଟର। ନିର୍ଦ୍ଦେଶକ: ବୁଛି ବାବୁ ସାନା। ଗୀତଟିକୁ ଶୁଣନ୍ତୁ, ବେଶ ଭଲ ଲାଗିବ।

ତାଳପତ୍ର ସିପେଇ

ତାଳପତ୍ରକୁ ଛୋଟ କରି କାଟି, ତାକୁ ସିଲେଇ କରି, କାଠିରେ ଲଗେଇ ନାଚୁଥିବା ମଣିଷ କଣ୍ଢେଇ କରାହୋଇଥବାର ଆପଣ ନିଶ୍ଚୟ ଦେଖିଥିବେ। ତା'ମୁହଁରେ ମାଗୁରମାଛିଆ ନିଶ, ଲମ୍ବା କଲି ହୋଇଥାଏ। ଏହାକୁ 'ତାଳପତ୍ର ସିପେଇ' ବୋଲି କୁହାଯାଏ। ତାଳପତ୍ର ସିପେଇ କଣ୍ଢେଇର ଗୋଟେ ଇତିହାସ ଅଛି। ବିଶ୍ୱାସ କରାଯାଏ ଯେ ୧୮୫୭ ସିପାହୀ ବିଦ୍ରୋହ ସମୟରେ ବ୍ରିଟିଶ ସୈନ୍ୟମାନଙ୍କୁ ପରିହାସ କରିବା ପାଇଁ ବଙ୍ଗ ପ୍ରଦେଶରେ ଏପ୍ରକାର କଣ୍ଢେଇର ସୃଷ୍ଟି। ବ୍ୟଞ୍ଜନା ହେଲା: ବ୍ରିଟିଶ ସୈନ୍ୟମାନେ 'ତାଳପତ୍ର ସିପେଇ' ଭଳି ହାତଗୋଡ଼ ତ ବହୁତ ହଲାନ୍ତି, ହେଲେ ଅସଲ କାମକୁ ନୁହନ୍ତି। ବିଶ୍ୱ ଐତିହ୍ୟ ସପ୍ତାହ (ନଭେମ୍ବର ୧୯ରୁ ୨୫) ଅବସରରେ କଲିକତାର ଭିକ୍ଟୋରିଆ ମେମୋରିଆଲରେ ସ୍କୁଲ ପିଲାମାନଙ୍କ ପାଇଁ 'ତାଳପତ୍ର ସିପେଇ' ତିଆରି କର୍ମଶାଳାର ଆୟୋଜନ କରା ଯାଇଥିଲା।

ବିଲୁପ୍ତିର ଦ୍ୱାରଦେଶରେ...

ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ୍ ଅନ୍ତର୍ଗତ ସରାଙ୍ଗଠାରେ ବ୍ରାହ୍ମଣୀ ନଦୀ ଶଯ୍ୟାରେ ଏକ ବିସ୍ତୀର୍ଣ୍ଣ ପଥର ଚଟାଣ ଉପରେ ଖୋଦିତ ହୋଇଛି ଅନନ୍ତଶାୟୀ ବିଷ୍ଣୁଙ୍କର ଏକ ୫୨ ଫୁଟ ଲମ୍ବର କମନୀୟ ମୂର୍ତ୍ତି। ମୁକ୍ତ ଆକାଶ ତଳେ ଏବକୁ ହଜାର ବର୍ଷ ପୂର୍ବରୁ ଏହି ସୁନ୍ଦର ମୂର୍ତ୍ତିଟି ଖୋଦିତ ହୋଇ ଥିଲା। ଆମ ରାଜ୍ୟର ଗର୍ବ ଏବଂ ଗୌରବ ହେଉଛି ଏହି ବିରଳ ମୂର୍ତ୍ତିଟି। ସମ୍ପ୍ରତି ଢେଙ୍କାନାଳ ହେରିଟେଜ ୱାକର ମୁଖ୍ୟ ଅଧ୍ୟାପକ ଓ କବି ସୁରେଶ ମିଶ୍ର ସେଠି ଯାଇଥିଲେ। ଏ ମୂର୍ତ୍ତିଟିର ବର୍ତ୍ତମାନ ଅବସ୍ଥା ସମ୍ପର୍କରେ ସେ ତାଙ୍କ ଗଣମାଧ୍ୟମ ପୃଷ୍ଠାରେ ଯାହା ଲେଖିଛନ୍ତି ତାହା ଅତ୍ୟନ୍ତ ଚିନ୍ତାଜନକ। "ହଜାର ବର୍ଷ ଧରି ନଦୀର ବନ୍ୟା ଜଳର ତାଡନା, ପ୍ରକୃତିର ତାଣ୍ଡବ, ଆମମାନଙ୍କର ଅବହେଳା ସହି ସହି ଏହି ଅନନ୍ତ ଶୟନ ମୂର୍ତ୍ତି ଏବେ କେବଳ ତା'ର ବିଲୁପ୍ତିକୁ ଅପେକ୍ଷା କରି ରହିଛି। ଏହି ଜାତୀୟ କିର୍ତ୍ତୀର ସୁରକ୍ଷା ଓ ସଂରକ୍ଷଣର ଦାୟିତ୍ୱରେ ଅଛନ୍ତି ଜାତୀୟ ପ୍ରତ୍ନତତ୍ତ୍ୱ ସଂରକ୍ଷଣ ବିଭାଗ। ଆଧୁନିକ ଜ୍ଞାନ ବିଜ୍ଞାନ ଓ ବୈଷୟିକ ଜ୍ଞାନର ଯଥେଷ୍ଟ ଉନ୍ନତି ହୋଇ ସାରିଥିଲେ ବି ଏଇ ମୂର୍ତ୍ତିର ସଂରକ୍ଷଣ ପାଇଁ ସେମିତି କିଛି କାର୍ଯ୍ୟକ୍ରମ ହାତକୁ ନିଆଯାଇ ନାହିଁ। ପୂର୍ବରୁ ଖଣ୍ଡିତ ହୋଇ ଯାଇଥିବା ଅଂଶଗୁଡିକରେ ସିମେଣ୍ଟ କଂକ୍ରିଟ ବୋଳି ତାକୁ ବିକୃତ କରାଯାଇଛି। ଆଧୁନିକ ରାସାୟନିକ ପ୍ରଲେପ ଦିଆଯାଇଥିଲେ ହୁଏତ ମୂର୍ତ୍ତିଟିରେ ପୂର୍ବରୁ ଥିବା ସୂକ୍ଷ୍ମ କାରୁକାର୍ଯ୍ୟଗୁଡିକ ଏବେବି ଅକ୍ଷୁର୍ଣ୍ଣ ରହି ପାରିଥାନ୍ତା। ମାତ୍ର ଦୁର୍ଭାଗ୍ୟ ଯେ ମୂର୍ତ୍ତିଟିକୁ ତା' ଭାଗ୍ୟ ଉପରେ ସେମିତି ଛାଡ଼ି ଦିଆଯାଇଛି। ବିଷ୍ଣୁଙ୍କର ମସ୍ତକରେ ଥିବା ମୁକୁଟରେ ଅଙ୍କିତ କିର୍ତ୍ତୀମୁଖ ଏବେ ଆଉ ଦୃଶ୍ୟମାନ ହେଉନାହିଁ। ଅଧିକାଂଶ ଅଂଶର କାରୁକାର୍ଯ୍ୟ ଏବେ ପ୍ରାୟତଃ ଅଦୃଶ୍ୟ। ସବୁଠାରୁ ଦୁଃଖର କଥା ଯେ, ମୂର୍ତ୍ତିର ବାମ ଭାଗର ଉପର ଅଞ୍ଚଳରୁ ଏକ କ୍ଷୁଦ୍ର ଜଳଧାରା ବିଷ୍ଣୁଙ୍କ ବେକ ଦେଇ ତଳକୁ ଅନବରତ ପ୍ରବାହିତ ହେଉଛି। ଏହି ଜଳ ପ୍ରବାହ ବେକ ପାଖରେ ପଥରକୁ କ୍ଷୟ କରିବା ଆରମ୍ଭ କଲାଣି। ଧୀର ପାଣି ପଥର କାଟେ, ଏହି ଆପ୍ତବାକ୍ୟଟିର ସତ୍ୟତା ଆପଣ ସେଠାରେ ମର୍ମେ ମର୍ମେ ଅନୁଭବ କରିପାରିବେ। ଏହି ଜଳଧାରାକୁ ତୁରନ୍ତ ବନ୍ଦ ନ କଲେ କିଛି ଦିନ ପରେ ମୁଣ୍ଡ, ଗଣ୍ଡି ଅଲଗା ହୋଇ ଯିବ। ଆମର ଅଦୂରଦର୍ଶିତା ପାଇଁ ଭାରତର ଦୀର୍ଘତମ ମୁକ୍ତାକାଶ ଅନନ୍ତଶାୟୀ ବିଷ୍ଣୁ ପ୍ରତିମାଟି କାଳର କରାଳ ଗର୍ଭରେ ହୁଏତ ନିଶ୍ଚିହ୍ନ ହୋଇଯିବ। ଆଧୁନିକ ପ୍ରଣାଳୀରେ ଏହାର ସଂରକ୍ଷଣ ଯୁଦ୍ଧ କାଳୀନ ଭିତ୍ତିରେ କରାଯିବା ଉଚିତ୍। ନଚେତ୍ ଏମିତି ଏକ ବିରଳ କୃତି ଯେ ଏଇଠି ଥିଲା, ତାହା ଦିନେ କେବଳ ଇତିହାସର ପୃଷ୍ଠା ମଣ୍ଡନ କରୁଥିବ।"

ଭବିଷ୍ୟବାଣୀ

ଅକ୍ଟୋବର ଶେଷ ଭାଗରୁ ପୂର୍ବ ଭାରତରେ ମୋଟ ତିନିପ୍ରକାର ମଣିଷ ଦେଖାଯିବେ।

ପ୍ରଥମ: ଫ୍ୟାନ ଅଫ କରିଦେଉଛନ୍ତି।

ଦ୍ୱିତୀୟ: ଫ୍ୟାନ ଚଲଉଛନ୍ତି।

ତୃତୀୟ: ଫ୍ୟାନ ଚଲେଇ ଚାଦର ଘୋଡ଼େଇ ଶୋଉଚନ୍ତି।

ଫୁଲ କୋବି ବନ୍ଧା କୋବି କଥାବାର୍ତ୍ତା

ସନ୍ଧ୍ୟାରେ ଭଙ୍ଗା ବଜାରରେ ପାଖାପାଖି ବସିଥିଲା ଗୋଟେ ଫୁଲ କୋବି ଆଉ ଗୋଟେ ବନ୍ଧା କୋବି। ବନ୍ଧା କୋବି ନୂଆ ନୂଆ ବଜାରକୁ ଆସିଛି। ତା'ର ସବୁ ସାଙ୍ଗ ବିକ୍ରି ହୋଇ ଚାଲିଯାଇଥିଲେ, ସେ ଏକୁଟିଆ ରହି ଯାଇଥିଲା। ସେ ଫୁଲ କୋବିକୁ କହିଲା, ବୁଝିଲୁ ଫୁଲ - ଦିନସାରା କେତେ ଲୋକ ଆସିଲେ ମୋତେ ଚିପି ଚାପି ଦେଖିଲେ- ଦେହଟା ବଥା ହୋଇଗଲାଣି। ଆମେ ନୂଆ ଆସିଛୁ, ଦୋକାନୀ ଦାମ କମେଇଲା ନାହିଁ - ଦେଖ ମୁଁ ରହିଗଲି। କାଲି ସକାଳକୁ ଶୁଖିଯିବିନି ! ଫୁଲ କୋବି କହିଲା, କିଛି ଚିନ୍ତା କରନା। କାଲି ସକାଳେ ସେ ତୋତେ କେମିକାଲ ମିଶା ସାବଜା ପାଣି ଛିଞ୍ଚି ଫେର ଚେଙ୍ଗା କରିଦେବ। ମୁଁ ପରା ତିନିଦିନ ଧରି ଅଛି।

ରେଖାଚିତ୍ର: କାଏଜର ମାହାମୁଦ

କୁଟାଖିଅର ବିପ୍ଳବ

ପ୍ରାକୃତିକ ଚାଷ ସମ୍ପର୍କରେ ଜାପାନୀ ପରିବେଶବିଦ ଏବଂ ଦାର୍ଶନିକ ମନସାନୋବୁ ଫୁକୁଓକାଙ୍କ ଆନ୍ତର୍ଜାତିକ ସ୍ତରର ପ୍ରଖ୍ୟାତ ପୁସ୍ତକ 'The One-Straw Revolution: An Introduction to Natural Farming'ର ଓଡ଼ିଆ ଅନୁବାଦ 'କୁଟାଖିଅର ବିପ୍ଳବ' ସମ୍ପ୍ରତି ପ୍ରକାଶିତ ହୋଇଛି। ଏ ପୁସ୍ତକରେ ଫୁକୁଓକା ପ୍ରାକୃତିକ ଚାଷର ଗୁରୁତ୍ୱକୁ ରେଖାଙ୍କିତ କରିଥିଲେ। ମଣିଷର ହସ୍ତକ୍ଷେପ କମ୍ କରି ପ୍ରାକୃତିକ ଉପାୟରେ ଚାଷ ଯେ ହେଇ ପାରିବ ଏବଂ କେମିତି ତାହା ହେଇପାରିବ ତାହାର ରୋଡମ୍ୟାପ ମଧ୍ୟ ସେ ଏ ପୁସ୍ତକରେ ଲେଖିଥିଲେ। ୧୯୭୫ରେ ଏ ବହି ପ୍ରକାଶିତ ହେଲାପରେ କ୍ରମଶଃ ଏ ସାରା ବିଶ୍ୱରେ ବିଭିନ୍ନ ଭାଷାରେ ପ୍ରକାଶିତ ହେବାପାଇଁ ଲାଗିଲା ଏବଂ କୃଷିକ୍ଷେତ୍ରରେ ଏକ ବିପ୍ଳବ ସୃଷ୍ଟିକଲା। ୧୯୭୮ରେ ଏହା ଇଂରାଜୀ ଭାଷାରେ ପ୍ରକାଶିତ ହୋଇଥିଲା। ଭାରତରେ ଏହା ପ୍ରଥମେ ୧୯୮୪ ମସିହାରେ ପ୍ରକାଶିତ ହୁଏ। ଓଡ଼ିଆ ଭାଷାରେ ବହିଟିକୁ ଅନୁବାଦ କରିଛନ୍ତି ସବ୍ୟସାଚୀ ପଣ୍ଡା। ସବ୍ୟସାଚୀ ପଣ୍ଡା ଜଣେ ବିପ୍ଳବୀ। ବେଶ୍ କିଛିବର୍ଷ ସେ ଜେଲରେ ମଧ୍ୟ ଥିଲେ। ଜେଲରେ ରହିବାବେଳେ ସିଏ ଏ ପୁସ୍ତକଟିକୁ ଅନୁବାଦ କରିଛନ୍ତି। ତାଙ୍କ ପ୍ରାକ୍ କଥନରେ ସେ ଏ ବହିଟିକୁ ଏକ ବିପ୍ଳବର ଆରମ୍ଭ ଭାବରେ ରେଖାଙ୍କିତ କରିଛନ୍ତି। ଏହାକୁ ପ୍ରକାଶ କରି ମୃଙ୍ଗାଙ୍କ ମୌଳି ପଟ୍ଟନାୟକ ଓଡ଼ିଶାରେ ଚାଷକରୁଥିବା ଲୋକମାନଙ୍କ ପାଇଁ ଅତ୍ୟନ୍ତ ଭଲ କାମଟିଏ କରିଛନ୍ତି।

ବିଗପ୍ରୋଜେକ୍ଟରେ ବାପ ପୁଅ

ନିକଟରେ ଶାହରୁଖ ଖାନଙ୍କ ପୁଅ ଆରିୟନ ଖାନ୍ ବ୍ୟାଡସ ଅଫ ବଲିଉଡ ଜରିଆରେ ଓଟିଟି ପ୍ଲାଟଫର୍ମରେ ଏଣ୍ଟ୍ରି କରିଛନ୍ତି । ତେବେ ବର୍ତ୍ତମାନ ଖୁବ ଜଲଦି ଆରିୟନଙ୍କୁ ବଡ ପରଦାରେ ନିର୍ଦ୍ଦେଶନା ଦେଉଥିବା ଦେଖିବାକୁ ମିଳିବ । ତାହା ପୁଣି ନିଜ ବାପାଙ୍କ ସହିତ ସେ ବଡ ପରଦାରେ ଡେବ୍ୟୁ କରିବେ ବୋଲି ଜଣା ପଡିଛି । ନିଜ ବାପାଙ୍କ ସହିତ କାମ କରିବା ଆଗରୁ ସେ ଦୁଇଟି ପ୍ରୋଜେକ୍ଟ ନିର୍ଦ୍ଦେଶନା ଦେବାକୁ ଚାହୁଁଥିଲେ, କାରଣ ବାପାଙ୍କ ସହିତ ଫିଲ୍ମ କରିବାର ସୁଯୋଗ ସେ ନିଜ ପ୍ରତିଭା କାରଣରୁ ପାଇବାକୁ ଚାହୁଁଥିଲେ । ତେଣୁ ତାଙ୍କର ତୃତୀୟ ପ୍ରୋଜେକ୍ଟରେ ଶାହରୁଖ ଲିଡରେ ନଜର ଆସିବେ ବୋଲି ଜଣା ପଡିଛି । ବର୍ତ୍ତମାନ ସୁଦ୍ଧା ଉକ୍ତ ଫିଲ୍ମର ମୁଖ୍ୟ କାହାଣୀ ନେଇ ଆଲୋଚନା ସରିଛି । ହେଲେ ଏହି ପ୍ରୋଜେକ୍ଟ ଆରମ୍ଭ ୨୦୨୭ରେ ହେବ ବୋଲି ସୂଚନା ରହିଛି । ଏନେଇ ଖବର ପ୍ରଚାର ହେବା ପରେ ଉଭୟଙ୍କ ଫ୍ୟାନ ଭାରି ଖୁସି ଅଛନ୍ତି । ପୁଅଙ୍କ ନିର୍ଦ୍ଦେଶନାରେ ଶାହରୁଖଙ୍କୁ ଅଭିନୟ କରୁଥିବାର ଦେଖିବାକୁ ଫ୍ୟାନମାନେ ଖୁବ ଉତ୍ସାହିତ ଅଛନ୍ତି ।

ନୂଆ ପ୍ରୋଜେକ୍ଟରେ ଶ୍ରଦ୍ଧା

ଛାବରାର ସଫଳତା ପରେ ବର୍ତ୍ତମାନ ଏକ ନୂଆ ପ୍ରୋଜେକ୍ଟପାଇଁ ଅଣ୍ଟା ଭିଡିଛନ୍ତି ଲକ୍ଷ୍ମଣ ଉଟେରକର । ଏହା ଏକ ବାୟୋପିକ ଡ୍ରାମା ଯେଉଁଥିରେ ଲାଭନି ନୃତ୍ୟଶିଳ୍ପୀ ଭିଥାବି ନାରାୟଣଗାଓଁକରଙ୍କ ଜୀବନୀକୁ ନେଇ ଫିଲ୍ମ ନିର୍ମାଣ କରାଯାଇଛି । ଏଥିରେ ଶ୍ରଦ୍ଧା କପୁରଙ୍କୁ ଲିଡ ରୋଲରେ ଦେଖିବାକୁ ମିଳିବ । ଏନେଇ ଜଣା ପଡିବାପରେ ଶ୍ରଦ୍ଧାଙ୍କର ଫ୍ୟାନମାନେ ଖୁବ ଉପଭୋଗ କରୁଛନ୍ତି । ଖୁବଶୀଘ୍ର ଫିଲ୍ମଟି ପରଦାକୁ ଆସିବାନେଇ ମେକର୍ସମାନେ ଯୋଜନା କରୁଥିବା ଜଣା ପଡୁଛି । ନିଜେ ଶ୍ରଦ୍ଧା ମଧ୍ୟ ଏଭଳି ଏକ ସ୍ୱତନ୍ତ୍ର ପ୍ରୋଜେକ୍ଟରେ ଅଭିନୟ କରି ଖୁବ ଉତ୍ସାହିତ ଅଛନ୍ତି । ଏଥିରେ ଶ୍ରଦ୍ଧାଙ୍କ ସହିତ ରଣଦୀପ ହୁଡ୍ଡାଙ୍କୁ ଦର୍ଶକ ଦେଖିବାକୁ ପାଇବେ ।

ଆନ୍ନାଙ୍କ ଲେଉଟାଣି

ନବେଦଶକର ହିଟ ଅଭିନେତା ସୁନିଲ ସେଟ୍ଟିଙ୍କୁ ୱେଲକମ ଟୁ ଦି ଜଙ୍ଗଲ ଫିଲ୍ମରେ ଦେଖିବାକୁ ମିଳିବ । ଅତୀତରେ ତାଙ୍କର ଓ ଅକ୍ଷୟ କୁମାରଙ୍କର ଅନେକ ଫିଲ୍ମ ରହିଛି, ଯାହାକୁ ଦର୍ଶକ ଖୁବ ଭଲ ପାଇବା ଦେଇଛନ୍ତି । ଉଭୟଙ୍କର କମେଡି ଟାଇମିଂ ସବୁବେଳେ ପରଦାରେ ହିଟ ହୋଇଥାଏ । ତେଣୁ ଏତେବର୍ଷ ପରେ ପୁଣି ପରଦାରେ ଉଭୟ ଷ୍ଟାରଙ୍କୁ ଦେଖିବାକୁ ମିଳିବ, ଯାହାକୁ ନେଇ ଫ୍ୟାନମାନେ ଖୁବ ଖୁସି ଅଛନ୍ତି । ସେହିଭଳି ସୁନିଲ ସେଟ୍ଟିଙ୍କ ଚରିତ୍ରଟି ଖୁବ ହଟକେ ହେବ ବୋଲି ସୂଚନା ରହିଛି । ସେହିଭଳି ଫ୍ୟାନମାନେ ନିଜ ପ୍ରିୟ ଆନ୍ନାଙ୍କର ଏକ ଭିନ୍ନ ଚରିତ୍ର ଦେଖିବାକୁ ଚାହିଁ ବସିଛନ୍ତି । ସୋସିଆଲ ମିଡିଆରେ ଏନେଇ ଖୁବ ପ୍ରଚାର ହେଉଥିବା ଦେଖିବାକୁ ମିଳୁଛି । ସେହିଭଳି ସୁନୀଲ ମଧ୍ୟ ଫ୍ୟାନଙ୍କ ପାଖକୁ ଫେରି ଖୁବ ଖୁସି ଅଛନ୍ତି । ପୁଣି ସେ ଦର୍ଶକଙ୍କ ମନୋରଞ୍ଜନ କରିପାରିବେ ବୋଲି ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି ।

ଖୁବଶୀଘ୍ର ପରଦାରେ

ଫିଲ୍ମ ଲଭ୍ ୱାରର ରିଲିଜ୍କୁ ନେଇ ଅନେକ ଦିନରୁ ତାରିଖ ବଦଳିବାରେ ଲାଗିଛି । ହେଲେ ନିକଟରେ ମିଳିଥିବା ସୂଚନା ଅନୁସାରେ ୨୦୨୬ ଅଗଷ୍ଟ ୧୪ରେ ଏହା ପରଦାକୁ ଆସିବାନେଇ ଜଣା ପଡିଛି । ଏହି ଫିଲ୍ମରେ ରଣବୀର କପୁର, ଆଲିଆ ଭଟ୍ଟଙ୍କ ସହିତ ଭିକ୍କି କୌଶଲଙ୍କୁ ଦର୍ଶକ ଦେଖିବାକୁ ପାଇବେ । ସେହିଭଳି ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱ ନେଇଛନ୍ତି ସଞ୍ଜୟ ଲୀଳା ଭଂସାଲୀ । ସ୍ୱାଧୀନତା ଦିବସରେ ଏହା ହେଉଛି ସଞ୍ଜୟ ଲୀଳା ଭଂସାଲୀଙ୍କର ପ୍ରଥମ ରିଲିଜ । ଫିଲ୍ମର କିଛି ଅଂଶର ସୁଟିଂ ଏବେ ବି ଜାରି ରହିଥିବା ଜଣା ପଡିଛି । ସେହିଭଳି ଫିଲ୍ମର ରିଲିଜ ନେଇ ଖୁବଶୀଘ୍ର ଏକ ଔପଚାରିକ ଘୋଷଣା ମଧ୍ୟ ହେବ ବୋଲି ଜଣା ପଡିଛି । ଏହି ମଲ୍ଟି ଷ୍ଟାରର ଫିଲ୍ମକୁ ନେଇ ମେକର୍ସଙ୍କ ଠାରୁ ଆରମ୍ଭ କରି ଦର୍ଶକ ସମସ୍ତେ ଖୁବ ଉତ୍ସାହିତ ଅଛନ୍ତି ।

ପୁଣି ଡ୍ୟାନ୍ସ ଧମାଲ

ପ୍ରଭାସଙ୍କ ଫିଲ୍ମକୁ ଫ୍ୟାନମାନେ ସବୁବେଳେ ଅପେକ୍ଷା କରିଥାଆନ୍ତି । ତେବେ ନିକଟରେ ମିଳିଥିବା ସୂଚନା ଅନୁସାରେ ଏହି ସାଉଥ ସୁପରଷ୍ଟାର ନାଟୁନାଟୁ ଗୀତର କୋରିଓଗ୍ରାଫରଙ୍କ ସହିତ ଏକ ଆଗାମୀ ପ୍ରୋଜେକ୍ଟ ପାଇଁ ଏକାଠି ହୋଇଛନ୍ତି । ତେଣୁ ଆଗକୁ ପ୍ରଭାସଙ୍କୁ ଏକ ବିଗବଜେଟର ଫିଲ୍ମର ଭଲ ଡ୍ୟାନ୍ସ ନମ୍ବରରେ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି । କୋରିଓଗ୍ରାଫର ପ୍ରେମ ରାକ୍ଷିତଙ୍କର କୋରିଓଗ୍ରାଫୀର ଖୁବ ପ୍ରଶଂସା କରାଯାଇଥାଏ । ତେଣୁ ପ୍ରଭାସଙ୍କ ସହିତ ତାଙ୍କର କୋଲାବରେସନ ଫ୍ୟାନଙ୍କ ପାଇଁ ଏକ ଭଲ ଟ୍ରିଟ ହେବବୋଲି ଆଲୋଚନା ଆରମ୍ଭ ହୋଇଛି । ପ୍ରଭାସ ସବୁବେଳେ ନିଜ ନିଆରା ଅଭିନୟ ପାଇଁ ଦର୍ଶକଙ୍କର ମନମୋହିଥାଆନ୍ତି । କିଛି ଦିନ ହେବ ପ୍ରଭାଶଙ୍କୁ କୌଣସି ଫିଲ୍ମରେ ଦେଖି ବାୟୁନିଲି ନ ଥି ବା ବେଳେ ବଲିଉଡର ଅମୀର ଖାନଙ୍କ ଭଳି ଦୀର୍ଘ ସମୟ ନେଇ ସେ କୌଣସି ଅକ୍ସଟ୍ରା ଅଡିନାରୀ ଫିଲ୍ମର ପ୍ଲାନିଂ କରୁଛନ୍ତି ବୋଲି ଆଲୋଚନା ହେଉଛି । ପ୍ରଭାଶଙ୍କ ନିରବତା ସସେପେନ୍ସ ସୃଷ୍ଟି କରିଥି ବା ବେଳେ ତାଙ୍କ ଅପକମିଂପ୍ରୋଜେକ୍ଟଟି ଦମଦାର ହେବା ସହ ଦର୍ଶକଙ୍କୁ ଖୁବ ପସନ୍ଦ ଆସିବ ବୋଲି ସାଧାରଣରେ ଆକଳନ କରାଯାଉଛି ।

ମରତେ ଆସିଛି କିଏରେ

ମରତେ ଆସିଛି କିଏ ରେ
ଦେହ କୁ ଥରେଇ ଦିଏ ରେ,
କୋବି, ମୂଳା, ଶାଗ, ଧଣିଆ, ପାଳଙ୍ଗ
ଗଛରେ ଫଳାଇ ଯାଏରେ ॥
ମରତେ ଆସିଛି କିଏ ରେ
ସୁଲୁ ସୁଲୁ ବାଆ ବହେରେ,
ଠାଏ ଠାଏ ବସି ଜାଳୁଥାନ୍ତି ନିଆଁ
ଉଷୁମ ପାଇବା ପାଇଁରେ ॥
ମରତେ ଆସିଛି କିଏରେ
ପବନରେ ଛୁପି ରହେରେ,
ଟୋପି, ସୁଇଟର, ରେଜେଇ, ଚଦର
ଢାଙ୍କି ଦିଏ ଆମ ଦେହରେ ॥
ମରତେ ଆସିଛି କିଏରେ
ଦିନ ଛୋଟ ରାତି ବଡ଼ରେ,
ଗରମ ଗରମ ପକୁଡି ପାଖରେ
ମନ ଆମ ଲାଖି ଥାଏରେ ॥
ମରତେ ଆସିଛି ଯିଏରେ
ପଉଷ, ମାଘର ଦେହରେ,
ସିଏ ପରା ଶୀତ ସାଜେ ଆମ ମିତ
ଛଅ ଋତୁ ଏକ ଭାଇରେ ॥
ଲାଗୁ ଯେତେ ଶୀତ, ଗରମ
ଆସିବାଟା ତାଙ୍କ ଧରମ
ତାଙ୍କ ପରି ଆମେ ଜୀବନ ପଥରେ
କରିଯିବା କିଛି କରମ ॥

ଅନନ୍ତ କୁମାର ସେନାପତି
ବାଣ୍ଡୁପଡା, ରାଜଗାଙ୍ଗପୁର, ସୁନ୍ଦରଗଡ଼
ମୋ: ୭୦୦୮୩୦୪୨୨୫

ଜଗା ଆମ ସୁନା ପିଲା

ଘଣ୍ଟା ବାଜେ ଠନ୍ ଠନ୍
ବେଳ ଯେବେ ହୁଏ,
ଆମ ଜଗା ବ୍ୟାଗ ଧରି
ସ୍କୁଲକୁ ଯେ ଯାଏ ॥
ସାଙ୍ଗ ସାଥି ମେଳେ ମିଶି
ସେଠି ପାଠ ପଢେ,
ପଢ଼ି ଖେଳି ହସି ହସି
ଜୀବନକୁ ଗଢେ ॥
ପଢା ବେଳେ ପଢେ ବସି
ଗୁରୁଙ୍କ ପାଖରେ,
ନ ଆସିବା ପାଠ ବୁଝେ
ପଚାରି ସେଠାରେ ॥
ଅଯଥା କାମେ ସମୟ
କରେ ନାହିଁ ନଷ୍ଟ,
କାହାରି ମନରେ କେବେ
ନଦିଏ ସେ କଷ୍ଟ ॥
ଘରକୁ ଫେରିଲେ ଖେଳେ
ଭଉଣୀ ସାଥିରେ,
ଅଭିଯୋଗ ଥିଲେ କରେ
ଜେଜେମା ପାଖରେ ॥
ଜଗା ଆମ ସୁନା ପିଲା
ତା'ପରି କେ ନାହିଁ,
ତାହା ପରି ପିଲାଟିଏ
ମିଳିବେ ବା କାହିଁ ॥

ପ୍ରଫୁଲ୍ଲ କୁମାର ସାହୁ
ଶକ୍ତି ବିହାର, ବାଲିପଡ଼ା,
ମାହାଙ୍ଗା, କଟକ
ମୋ: ୭୬୦୯୦୪୩୮୩

ଶୀତକାଳ ଆସିଲା

ଶୀତକାଳ ଆସିଲା
ଦେହ ହାତ ଥରିଲା
ପ୍ରବଳ ଶୀତରୁ ରକ୍ଷା ଲାଗିତ
ଶୀତବସ୍ତ୍ର ପିନ୍ଧିଲା ॥
ପୌଷ ମାଘ ହୋଇଲା
ଶୀତଋତୁ ଆସିଲା
ଉତ୍ତର ଦିଗରୁ ଶୀତଳ ବାୟୁ
ଥିରି ଥିରି ବହିଲା ॥
ଧାନ ସବୁ ପାଚିଲା
ତାକୁ ଚାଷୀ କାଟିଲା
ଶଗଡ଼ରେ ଅବା ବାହୁଙ୍ଗି ବୋହି
ଧାନ ଆଣି ରଖିଲା ॥
ଲକ୍ଷ୍ମୀ ପୂଜା କରିଲା
ମାଣବସା ପାଳିଲା
ଓଡ଼ିଆ ଗୃହିଣୀ ଘର ଦାଣ୍ଡରେ
ଝୋଟି ଚିତା ଆଙ୍କିଲା ॥

ଦଶରଥ ମାଝୀ
କୁରୁମାରୁଆଁ, କଳାହାଣ୍ଡି
ମୋ : ୮୨୪୯୨୧୨୪୭୨

ଆମ ପଡ଼ୋଶୀ

ରହିବା ପାଇଁ ମଣିଷ ଆମେ
କରିଛେ ବାସ ଘର
ଶୀତ ବରଷା ଜୀବଯନ୍ତୁଙ୍କୁ
ନାହିଁରେ ଆମ ଡର ॥
ଘରକୁ ଲାଗି ଚାରିପାଖରେ
ଥାଆନ୍ତି ଯେଉଁ ଲୋକ
ସେମାନେ ଆମ ପଡ଼ୋଶୀ ହୋଇ
ଗଣା ଜୀବନ ଯାକ ॥
ଜଳବାୟୁରୁ ସୁରକ୍ଷା ପାଇଁ
ନଡ଼ା ଛପର ଛାତ
କିଛି କାମରେ ଲୋଡ଼ା ହୁଅଇ
ଆମ ପଡ଼ୋଶୀ ସତ ॥
ପଡୋଶୀ ଥିଲେ ତା'ସାଥେ ଯାଉ
ବୁଲିବା ପାଇଁ ଯାତ
ଖାଇବା ପାଇଁ ଭୋଜିକୁ ଡାକେ
ପାଳିଲେ ବାହା ବ୍ରତ ॥
ନଥିଲେ କେହି ଆପଣା ଲୋକ
ଝୁଣ୍ଟି ପଡ଼ିଲେ ଭୂଇଁ
ଆହା କହି କି ଟେକି ଆଣନ୍ତି
କାନ୍ଦିଲେ କଇଁ କଇଁ ॥
ଜ୍ୱର ବାଧକ ପଡିଲେ କେହି
ଥିଲେ ସେ ଅସହାୟ
ପାଖ ପଡ଼ୋଶୀ ଜନତା ଆସି
କରନ୍ତି ସେ ସହାୟ ॥
କାହାକୁ ବବା କାହାକୁ ଦାଦା
ଡାକୁ ବି ଭାଇ ଆଇ
ପଡୋଶୀ ଯଦି ନାହିଁ କାହାର
ପ୍ରଗତି ତା'ର ନାହିଁ ॥
ତାଙ୍କରି ସହ ନକରି କଳି
ମିଶିମିଶି ଯେ ରହିବା
ଦୁଃଖ ଦୂରେଇ ସୁଖକୁ ଆମେ
ତାଙ୍କରିଠାରୁ ପାଇବା ॥

ଦୀନବନ୍ଧୁ ପୋଇ
ଗୋରଡା ପାଳ, କରମୂଳ,
ଢେଙ୍କାନାଳ
ମୋ: ୯୯୩୮୮୦୨୪୧୨

ବହିବ ଖୁସିର ଝଡ଼...

ନିଜ ଖୁସି ପାଇଁ ଅନ୍ୟର ପରାଣେ
ଦୁଃଖ ନଦେବାରେ ଭରି
ଦିନ କେଇଟାରେ ସେହି ଦୁଃଖ ଆମ
ଚଉପାଶେ ଯିବ ଘେରି ॥
ଜାଣି ଶୁଣି କେବେ ମିଛ କହିବାନି
ସେହି ହେବ ଆମ କାଳ
ସତ କହିବାକୁ ଡରିବାନି କେବେ
ସତ ଦେବ ମିଠା ଫଳ ॥
ପର ନିନ୍ଦା କେବେ ଧରିବାନି ମୁଖେ
ବୁଝିବା ନିନ୍ଦା କାରଣ
ଅନ୍ୟର ପ୍ରଶଂସା କରିବା ସର୍ବଦା
ଜଗତେ ପାଇବା ମାନ ॥
ଭୋକିଲା ଶିଶୁଙ୍କ ଲୁହ ପୋଛି ଆମେ
ଖାଇବାକୁ ଦେବା ଅନ୍ନ
ହସ ବାଣ୍ଟିବାକୁ ଭୁଲିବାନି କେବେ
ସେ ପରା ଈଶ୍ୱର ଦାନ ॥
ଅସହାୟ ଜନେ ସାହାଯ୍ୟ କରିବା
ଯେତିକି ସମ୍ବଳ ଆମ
ମାନବ ସେବା ହିଁ ମାଧବର ସେବା
ସେବାହିଁ ଜୀବନ ଧର୍ମ ॥
ଏଇ ଜଗତରେ ସଭିଏଁ ସମାନ
କେହି ନୁହେଁ ଛୋଟ ବଡ଼
ଦୀନ ଦରିଦ୍ରଙ୍କୁ ନିଜର ଭାବିଲେ
ବହିବ ଖୁସିର ଝଡ଼ ॥

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ: ୭୩୫୫୬୩୪୩୪୬



ରୟାଲ ଗ୍ଲୋ

ନିକଟରେ ଉଦୟପୁରରେ ଅନୁଷ୍ଠିତ ହୋଇଛି ବର୍ଷର ସବୁଠାରୁ ବିଳାସପୂର୍ଣ୍ଣ ବିବାହ । ଏହି ବିବାହର ତୁଳନା ଭାରତୀୟ ଅରବପତି ଅମ୍ବାନୀ ପରିବାର ବିବାହ ସହିତ କରାଯାଉଛି । ଆସନ୍ତୁ ପଢିବା କିଭଳି ଥିଲା ଏହି ବିବାହ ।

ନଭେମ୍ବର ୨୩ଠାରୁ ତିନିଦିନ ଧରି ଆମେରକୀୟ ଆରବପତି ରାଜୁ ମଣ୍ଟେନାଙ୍କ କନ୍ୟାଙ୍କର ବିବାହ ଆୟୋଜନ କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମରେ ବଲିଉଡ ଠାରୁ ଆରମ୍ଭ କରି ହଲିଉଡ ତଥା ଦେଶବିଦେଶର ବଡବଡ ରାଜନେତା ସାମିଲ ହୋଇଥିଲେ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପୁଅ ମଧ୍ୟ ଏହି ବିବାହରେ ସାମିଲ ହୋଇଥିଲେ । ଏହାସହିତ ହଲିଉଡର ଅନେକ ସିଙ୍ଗର ଏହି ବିବାହରେ ପ୍ରଦର୍ଶନ କରିଥିଲେ । କେବଳ ବିବାହର ଅତିଥି ନୁହେଁ ବିବାହର ବର କନ୍ୟାଙ୍କ ପୋଷାକ ସହିତ ଡେକୋରେସନର ମଧ୍ୟ ଖୁବ ଚର୍ଚ୍ଚା ହୋଇଛି । ବିବାହର ସମସ୍ତ ରୀତିନୀତି ଦକ୍ଷୀଣ ଭାରତୀୟ ହିନ୍ଦୁ ଧର୍ମ ଅନୁସାରେ ଆୟୋଜନ ହୋଇଥିଲା । ବିବାହର ଆୟୋଜନ ଜଗମନ୍ଦିର ଆଇଲାଣ୍ଡ ପ୍ୟାଲେସରେ ଅନୁଷ୍ଠିତ ହୋଇଥିଲା । ବିବାହର ଥିମ ରହିଥିଲା ଧଳା, ହେଲେ କନ୍ୟାଙ୍କୁ ଲାଲ ରଙ୍ଗର ପୋଷାକରେ ଦେଖିବାକୁ ମିଳିଥିଲା, ଯାହା ଏହାକୁ ସ୍ୱତନ୍ତ୍ର କରିଥିଲା । ସୂଚନା ଅନୁସାରେ ନେତ୍ରା ମଣ୍ଟେନାଙ୍କ ବିବାହ ବସମି ଗଦିରାଜୁଙ୍କ ସହିତ ଅନୁଷ୍ଠିତ ହୋଇଥିଲା ।

ନେତ୍ରା ମଣ୍ଟେନା

ବିବାହରେ ସବୁଠାରୁ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲେ ନେତ୍ରା ମଣ୍ଟେନା । ତାଙ୍କୁ ସବ୍ୟସାଚୀ ରେଡ୍ ଲେହେଙ୍ଗାରେ ଦେଖିବାକୁ ମିଳିଥିଲା । ଲେହେଙ୍ଗାର ଏମ୍ବ୍ରୋଡରୀ କାମ ଖୁବ ସୁନ୍ଦର ଥିଲା । ଏଥିରେ ଲାଲ ରଙ୍ଗ ସହିତ ଧଳା ରଙ୍ଗକୁ ମ୍ୟାଚ କରାଯାଇ ଏମ୍ବ୍ରୋଡରୀ କାମ କରାଯାଇଛି, ଯାହା ଏହାକୁ ଏକ ବ୍ରାଇଟ ଲୁକ ପ୍ରଦାନ କରିଛି । ସେହିଭଳି ବ୍ଲାଉଜ୍ କଥା କହିଲେ ଏହା ଫୁଲ ହାତର ହୋଇଥିଲାବେଳେ ଏହାର ହାତରେ କେବଳ ଧଳାରଙ୍ଗର ଏମ୍ବ୍ରୋଡରୀ ଫୁଲ ଦେଖିବାକୁ ମିଳିଥିଲା । ମୁଣ୍ଡରେ ଓଢଣୀ ଭାବେ ରେଡ୍ ଭେଲିକୁ ପିନ୍ଧିଥିଲା, ଯାହା ଦେଖିବାକୁ ଖୁବ ସୁନ୍ଦର ଥିଲା । ଗହଣାରେ ସେ ଭାରୀ ଚୋକର ସହିତ ଖୁବ ଲମ୍ବା ନେକପିସକୁ ଲେୟାର କରିଥିଲେ । କେଶବିନ୍ୟାସରେ ସେ କ୍ଲିନ ବନ କରିଥିବାବେଳେ



ଏହାକୁ ଲାଲ ରଙ୍ଗର ଫୁଲରେ ସଜାଇଥିଲେ । ଏହାସହ ସେ ମୁଣ୍ଡରେ ଏକ ସିନ୍ଥି ପିନ୍ଧିଥିଲେ ଯାହା ତାଙ୍କ ଲୁକକୁ କମ୍ପ୍ଲିଟ କରିଥାଏ । ତାଙ୍କ ବ୍ରାଇଡାଲ ଲୁକ ସେଲିବ୍ରିଟି ମେକଅପ ଆର୍ଟିଷ୍ଟ ନମ୍ରତା ସୋନି ।

ବସମି ଗଦିରାଜୁ

ବର ବସମି ଗଦିରାଜୁଙ୍କର ବିବାହର ଡ୍ରେସ ଖୁବ ଭାଇରାଲ ହୋଇଥିଲା । ପୁଅ ହେଲେ ମଧ୍ୟ ତାଙ୍କୁ ଖୁବ ଷ୍ଟାଇଲିସ ଅନ୍ଦାଜରେ ଦେଖିବାକୁ ମିଳିଥିଲା । ତାଙ୍କୁ ଏକ ଇଭୋରି ଶେରୱାନିରେ ଦେଖିବାକୁ ମିଳିଥିଲା । ଯାହା ସହିତ ସେ ଲୋଫର ଓ ହେରିଲୁମ ଜୁଏଲ ପେୟାର କରିଥିଲେ । ବରମାଲା ସମୟରେ ତାଙ୍କ ଶେରୱାନି ଓ ନେତ୍ରାଙ୍କର ଶାଢିର ପେୟାର ଖୁବ ଭଲ ହୋଇଥିଲା । ବର୍ତ୍ତମାନର ଯୁବପିଢିଙ୍କ ପାଇଁ ତାଙ୍କ ବରମାଲା ଲୁକ ଖୁବ ଭଲ ଲାଗିଥିଲା ।

ଜେନିଫର ଲୋପେଜ

ଏହି ବିବାହରେ ଯୋଗ ଦେଇଥିଲେ ହଲିଉଡ ସିଙ୍ଗର ଜେନିଫର ଲୋପେଜ । ତାଙ୍କ ଆଉଟଫିଟ ମଧ୍ୟ ସୋସିଆଲ ମିଡିଆରେ ଖୁବ ଚର୍ଚ୍ଚା ସାଉଁଟିଥିଲା । ଜେନିଫରଙ୍କୁ ମନିସ ମଲହୋତ୍ରାଙ୍କ ଶାଢିରେ ଦେଖିବାକୁ ମିଳିଥିଲା । ତାଙ୍କୁ ଏଥିରେ ସଫ୍ଟ ପିଙ୍କ କଲର ଶାଢୀରେ ଦେଖିବାକୁ ମିଳିଥିଲା, ଯାହା ତାଙ୍କୁ ଖୁବ ମାନୁଥିଲା । ତାଙ୍କୁ ଷ୍ଟେଟମେଣ୍ଟ ଜୁଏଲାରୀ ସହିତ ଷ୍ଟ୍ରାପଲେସ ବ୍ଲାଉଜରେ ଦେଖିବାକୁ ମିଳିଥିଲା । ତାଙ୍କ ଲୁକକୁ ଯୁବପିଢି ଖୁବ ପସନ୍ଦ କରିଥିଲେ ।

ବେଟିନା ଆଣ୍ଡ୍ରେସନ

ଡୋନାଲ୍ଡ ଟ୍ରମ୍ପ ଜୁନିଅରଙ୍କ ଗର୍ଲଫ୍ରେଣ୍ଡ ବେଟିନା ଆଣ୍ଡ୍ରେସନଙ୍କୁ ମଧ୍ୟ ଦେଖିବାକୁ ମିଳୁଥିଲା । ତାଙ୍କୁ ଏହି ବିବାହରେ ଦେଶୀ ଲୁକରେ ଦେଖିବାକୁ ମିଳିଥିଲା । ତାଙ୍କୁ ସୋରିଷ ଓ ଧଳା ରଙ୍ଗର କୋରସେଟରେ ଦେଖିବାକୁ ମିଳିଥିଲା । ଏହାସହ ତାଙ୍କର ପ୍ୟାଣ୍ଟ ଓ ଦୁପଟ୍ଟା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ତାଙ୍କ ଦେଶୀ ଲୁକକୁ ସମସ୍ତେ ଖୁବ ପସନ୍ଦ କରିଥିଲେ ।

ରାମ ଚରଣ

ଏହି ବିବାହର ଅନ୍ୟ ଏକ ଆକର୍ଷଣ ସାଜିଥିଲେ ସାଉଥ ଅଭିନେତା ରାମ ଚରଣ । ରାମ ଚରଣଙ୍କୁ ଅଲ୍ ଇନ ବ୍ଲାକରେ ଦେଖିବାକୁ ମିଳିଥିଲା । ଟେଲର ସୁଟ ସହିତ ବ୍ଲାକ ସାର୍ଟରେ ତାଙ୍କୁ ଦେଖିବାକୁ ମିଳିଥିଲା । ସବୁଠାରୁ ଆକର୍ଷଣୀୟ ଥିଲା ତାଙ୍କ ସନ୍ଗ୍ଲାସ ଯେଉଁଥିରେ ଗୋଲ୍ଡ ଫ୍ରେମ ରହିଥିଲା, ଯାହା ତାଙ୍କ ଲୁକକୁ କମ୍ପ୍ଲିଟ କରିଥିଲା ।

କରଣ ଜୋହର

ଫିଲ୍ମ ମେକର କରଣ ଜୋହରଙ୍କୁ ମଧ୍ୟ ଏକ ରୟାଲ ଲୁକରେ ଦେଖିବାକୁ ମିଳିଥିଲା । ମେହେନ୍ଦି ସେରିମନି ହୋଷ୍ଟିଂ ପାର୍ଟିରେ ତାଙ୍କୁ ଧଳା ରଙ୍ଗର କୁର୍ତ୍ତା ପାଇଜାମାରେ ତାଙ୍କୁ ଦେଖିବାକୁ ମିଳିଥିଲା । ସେହିଭଳି ତାଙ୍କ ଲୁକର ପ୍ରଶଂସା ଅନେକସ୍ଥାନରେ ହେଉଥିବା ଦେଖିବାକୁ ମିଳିଥିଲା ।

ଇଣ୍ଟେରିଅର ଡେକୋର

ବିବାହର କେବଳ ବରକନ୍ୟା, ପରିବାର ଓ ଅତିଥିଙ୍କ ଫ୍ୟାଶନ ଷ୍ଟାଇଲ ନୁହେଁ ଇଣ୍ଟେରିଅର ଡେକୋର ମଧ୍ୟ ଖୁବ ସୁନ୍ଦର ଥିଲା । ବିବାହର ସମସ୍ତ ନୀତି ପ୍ୟାଲେସର ଖୋଲା ସ୍ଥାନରେ ହୋଇଥିଲା । ବରଣମାଳା ସମୟରେ ଭାରତର ପରମ୍ପରା ବାଦ୍ୟ ଯେପରି ତାବଲା, ହାରମୋନିଅମ, ଗିଟାର ଆଦି ପରିବେଷଣ କରାଯାଇଥିଲା । ଭୋଜି ଖାଇବାର ସ୍ଥାନକୁ ମଧ୍ୟ ଖୁବ ସୁନ୍ଦରଭାବେ ସଜା ଯାଇଥିଲା । ଡାଇନିଂ ସ୍ପେସକୁ ମେଲୋ ୟେଲୋ ଲାଇଟରେ ସଜା ଯାଇଥିଲା । ଏହି ବିବାହରେ ସେଲିବ୍ରିଟି ରଣବୀର ସିଂ, ନୋରା ଫତେହି, ମାଧୁରୀ ଦିକ୍ଷିତ, କ୍ରିତି ସନନ, ବରୁଣ ଧୱନ, ଜାହ୍ନବୀ କପୁର, କରଣ ଜୋହର, ସୋଫିଆ ଚୌଧୁରୀ ଆଦି ସାମିଲ ହେବା ସହିତ ନୃତ୍ୟ ପ୍ରଦର୍ଶନ କରିଥିଲେ ।

ଆଇମା ପେଡିରେ ଏଭଳି ଅନେକ ଗପ ରହିଥାଏ ଯାହା ଆମକୁ ଆମ ପରିବେଶର କିଭଳି ଯତ୍ନ ନେବା ସେନେଇ ଶିକ୍ଷା ଦେଇଥାଏ । କିଭଳି ମଣିଷଙ୍କ ଭଳି ଜଙ୍ଗଲରେ ଥିବା ଗଛ ଓ ପଶୁଙ୍କର ମଧ୍ୟ ଜୀବନ ରହିଛି । ସେମାନେ ଆମ ଜୀବନ ପାଇଁ କେତେ ଗୁରୁତ୍ୱ ପୂର୍ଣ୍ଣ ଏହିଗପ ମାଧ୍ୟମରେ ଶିକ୍ଷା ମିଳିଥାଏ ।

ଏଭଳି ଅନେକ ଗପ ରହିଛି ଯାହା ଆମକୁ ଜୀବନର ଅନେକ ମୂଲ୍ୟବାନ ଶିକ୍ଷା ଦେଇଥାଏ । ସେହିଭଳି ଏକ ଗପ ହେଲା ଭୁଲ ବୁଝିଲା କାଠୁରିଆ । ଗୋଟିଏ ବଣରେ ସମସ୍ତ ଜୀବଜନ୍ତୁ ମିଳିମିଶି ରହୁଥିଲେ । ଦିନେ ସକାଳୁ ସକାଳୁ ବଣରେ ଶାରୀ ଆସି ଖବର ଦେଲା ଜଣେ କାଠୁରିଆ ତାର କୁରାଢ଼ୀ ଧରି ଆସୁଛି । ତାକୁ ଦେଖି ଲାଗୁଛି ସେ ବଡବଡ ଗଛ କାଟିନେବ । ଶାରୀ ଏକଥା କହିବା ପରେ ଚାରିଆଡେ ଏହା ବ୍ୟାପିଗଲା । ପଶୁପକ୍ଷୀଙ୍କ ଭିତରେ ଭାଳେଣି ପଡିଲା । ସମସ୍ତେ ଜଙ୍ଗଲର ବଡ ଗଛ ପାଖରେ ଏକାଠି ହେଲେ । ଯଦି କାଠୁରିଆ ବଡଗଛ କାଟିନେବ ତେବେ ପାରା, ଗୁଣ୍ଡୁଚି, କାଉ କେଉଁଠାରେ ରହିବେ । ଖାଇବେ କ'ଣ । ଗଛ କଟାହେବା ଫଳରେ ସେମାଙ୍କ ଘର ଭାଙ୍ଗିଯିବ । ଏହାରି ଭିତରେ ମାଙ୍କଡ କହିଲା ମଣିଷମାନେ ଭାରି ସ୍ୱାର୍ଥପର । ସେମାନେ ଗଛ କାଟିନେଇ କାଠ ବିକ୍ରିକରି ପଇସା ରୋଜଗାର କରିବେ । ସେହିଭଳି ହାତୀ କହିଲା ଗଛ ନଥିଲେ ମୁଁ ଖାଇବି କ'ଣ । ପାରା କାନ୍ଦିକାନ୍ଦି କହିଲା ସେ ରହିବ କେଉଁଠି । ଏହିଭଳି ଭାବେ ସେମାନଙ୍କ ଭିତରେ ଆଲୋଚନା ଜାରି ରହିଲା । ତେବେ ଏହାରି ଭିତରେ ମୟୂର ଏକ ଉପାୟ କାଢିଲା । ସେ କହିଲା ଚାଲ ଏ ଗଛକୁ ସଜାଇବା, ଏଥିରେ ଫୁଲ ଫଳ ଭରିଦେବା । ଯେପରି ଏହା ଖୁବ ସୁନ୍ଦର ଦେଖାଯିବ । ମୟୂରର ଏହି ଉପାୟ ସମସ୍ତଙ୍କ ମନକୁ ଖୁବ ପାଇଲା । ସମସ୍ତେ ଏଥିରେ ହଁ ଭରିଲେ । ଏପରି କରିବା ପରେ ଅନେକ ମହୁମାଛି ସେହି ଗଛରେ ଆସି ବସା ବାନ୍ଧି ଘର କରିଲେ । ତେବେ କିଛି ଦିନ ପରେ କାଠୁରିଆ ନିଜ ଝିଅକୁ ସାଙ୍ଗରେ ଧରି ସେଠାରେ ପହଞ୍ଚିଲା । ସେଠାରେ ଦେଖିଲା ଗଛଟି ଫୁଲ ଫଳରେ ଭରି ରହିଛି । ଗଛ ପାଖରେ ପଶୁପକ୍ଷୀମାନେ ମନ ଦୁଃଖରେ ବସିଛନ୍ତି । ଏହା ଦେଖି କାଠୁରିଆର ଝିଅ ତାକୁ ଗଛ ନକାଟିବାକୁ ଅନୁରୋଧ କଲା । କହିଲା ବାପା ଗଛ ଏମାନଙ୍କର ଘର ଭଳି । ଆମ ଘର ଭାଙ୍ଗିଗଲେ ଆମକୁ କେତେ କଷ୍ଟ ହେଉଛି, ଠିକ ସେହିଭଳି ଏହି ସୁନ୍ଦର ଘରଟି ଭାଙ୍ଗିଗଲେ ସେମାନଙ୍କୁ ମଧ୍ୟ କଷ୍ଟ ହେବ । ସେହିଭଳି ମୁଁ ସ୍କୁଲରେ ପଢିଛି ଗଛ ଆମର ଅନେକ କାମରେ ଆସେ । ଗଛ ଆମକୁ ଅମ୍ଳଜାନ ପ୍ରଦାନ କରିଥାଏ, ତେଣୁ ତୁମେ ଏହି ଗଛଟିକୁ କାଟନାହିଁ । ଏହାପରେ କାଠୁରିଆ ନିଜ ଭୁଲ ବୁଝିଲା ଏବଂ ଗଛ ନକାଟି ଫେରିଗଲା ।

ଚର୍ଚ୍ଚାରେ ଇନଷ୍ଟା ପ୍ରୋଫାଇଲ୍

ବିବାଦ ପରେ ପୁଣି ଚର୍ଚ୍ଚାରେ ଭାରତୀୟ ମହିଳା ଟିମର ଉପ-ଅଧିନାୟିକା ସ୍ମୃତି ମନ୍ଧାନା ଏବଂ ସଙ୍ଗୀତକାର ପଲାଶ ମୁଚ୍ଛଲ । ନିଜ ଇନଷ୍ଟାଗ୍ରାମ ପ୍ରୋଫାଇଲରେ ସମାନ ଇମୋଜି ସେୟାର କରିଛନ୍ତି ଦୁହେଁ । ଦୁହିଁଙ୍କ ପ୍ରୋଫାଇଲରେ ଇମୋଜି ଥିବା ଦେଖାଯାଇଛି । ଉଭୟ ଏବେ ଖରାପ ସମୟ ଦେଇ ଗତି କରୁଥିବାରୁ ନଜରରୁ ବଞ୍ଚିବା ପାଇଁ ଏପରି ଇମୋଜି ରଖିଥିବା ନେଇ ସମସ୍ତେ ଚର୍ଚ୍ଚା କରୁଛନ୍ତି ।

ଭାରତୀୟ ମହିଳା ଦଳର ଷ୍ଟାର କ୍ରିକେଟର ତଥା ବିଶ୍ୱ ଚାମ୍ପିଅନ୍ ସ୍ମୃତି ମନ୍ଧାନା ଏବଂ ପଲାଶ ମୁଚ୍ଛଲଙ୍କ ବିବାହ ନଭେମ୍ବର ୨୩ରେ ହେବାର ଥିଲା । କିନ୍ତୁ ବିବାହ ଦିନ ପୂର୍ବରୁ ସ୍ମୃତିଙ୍କ ବାପା ଶ୍ରୀନିବାସ ମନ୍ଧାନାଙ୍କଠାରେ ହୃଦଘାତ ଲକ୍ଷଣ ଦେଖାଯିବା ପରେ ତାଙ୍କୁ ହସ୍ପିଟାଲକୁ ନିଆଯାଇଥିଲା । ସେଥିପାଇଁ ବିବାହକୁ କିଛି ଦିନ ପାଇଁ ସ୍ଥଗିତ ରଖିଥିଲେ ଦୁଇ ପରିବାର । ଏହାପରେ ପଲାଶ ମଧ୍ୟ ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । କିଛି ଦିନ ପରେ ବିବାହ ସ୍ଥଗିତ ରହିବାର ଆଉ ଏକ କାରଣ ସାମ୍ନାକୁ ଆସିଥିଲା । ପଲାଶ ଅନ୍ୟ ମହିଳାଙ୍କୁ ଡେଟ୍ କରୁଥିବା ଜାଣିବା ପରେ ସ୍ମୃତିଙ୍କ ବାପାଙ୍କ ଦେହ ଖରାପ ହୋଇଯାଇଥିଲା । ଏଥିପାଇଁ ବିବାହ ହୋଇନଥିଲା ବୋଲି ଚର୍ଚ୍ଚା ଜୋର ଧରିଥିଲା ।

ଡିଲିଟ କରିଥିଲେ ଫଟୋ

ବିବାହ ଭାଙ୍ଗିବା ନେଇ ଚର୍ଚ୍ଚା ହେବା ପରେ ସ୍ମୃତି ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରେ ସେୟାର କରିଥିବା ହଳଦୀ ଏବଂ ମେହେନ୍ଦିର ଫଟୋକୁ ଡିଲିଟ କରିଥିଲେ । ପଲାସଙ୍କ ଅନ୍ୟ ମହିଳାଙ୍କ ପ୍ରେମ ସମ୍ପର୍କ ରଖିଥିବା ଜାଣି ସ୍ମୃତି ବିବାହ ଭାଙ୍ଗିଥିବା ଖବର ବିଭିନ୍ନ ଗଣମାଧ୍ୟମରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା ।

କ'ଣ କହିଛନ୍ତି ପଲାଶଙ୍କ ମା'

ଲୋକଙ୍କ ପ୍ରଶ୍ନର ଉତ୍ତର ଦେଇ ପଲାଶଙ୍କ ମା' ଅମିତା ମୁଚ୍ଛଲ କହିଛନ୍ତି ଯେ, ବିବାହ ସ୍ଥଗିତ ରଖିବାର ନିଷ୍ପତ୍ତି ପ୍ରଥମେ ପୁଅ ପଲାଶ ନେଇଥିଲା । ପୁଅର ନିଷ୍ପତ୍ତିରେ ସ୍ମୃତି ସହମତି

ପ୍ରକାଶ କରିଥିଲେ । ପଲାଶ, ସ୍ମୃତିଙ୍କ ବାପା ଶ୍ରୀନିବାସଙ୍କ ଅତି ନିକଟତର। ଯେତେବେଳେ ପଲାଶ ତାଙ୍କ ଭାବିଶଶୁରଙ୍କ ଅସୁସ୍ଥତା ସମ୍ପର୍କରେ ଖବର ପାଇଥିଲେ ସେ ସଙ୍ଗେସଙ୍ଗେ ବିବାହକୁ ସ୍ଥଗିତ ରଖିବାକୁ କହିଥିଲା ।

ସ୍ପଷ୍ଟୀକରଣ ଦେଲେ ନନ୍ଦିକା

ନଭେମ୍ବର ୨୩ ପରଠୁ ଚର୍ଚ୍ଚାରେ ଭାରତୀୟ ମହିଳା କ୍ରିକେଟର ସ୍ମୃତି ମନ୍ଧାନା ଓ ସଙ୍ଗୀତକାର ପଲାଶ ମୁଚ୍ଛଲ । ଦୁହିଁଙ୍କ ବିବାହ ଅଟକିବା ପରଠୁ କେବେ ଦୁହେଁ ବିବାହ କରିବେ, ସେହି ଦିନକୁ ଅନାଇ ବସିଛନ୍ତି ପ୍ରଶଂସକ । ବିବାହ ପାଇଁ କୋରିଓଗ୍ରାଫର ଥିବା ନନ୍ଦିକା ଦିଓ୍ୱେଦିଙ୍କ ସହ ପଲାଶଙ୍କ ସମ୍ପର୍କ ଥିବା ନେଇ ଜଣାପଡ଼ିବା ପରେ ସ୍ମୃତି ବିବାହ ଭାଙ୍ଗି ଦେଇଥିବା ଚର୍ଚ୍ଚା ହେଉଛି। ଏହି ଚର୍ଚ୍ଚା ମଧ୍ୟରେ ପ୍ରତିକ୍ରିୟା ରଖିଛନ୍ତି ନନ୍ଦିକା । ସେ ନିଜର ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏକ ଭାବପୂର୍ଣ୍ଣ ନୋଟ ଲେଖି ନିଜର ପକ୍ଷ ରଖିଛନ୍ତି ।

ପୋଷ୍ଟ କରି ବଖାଣିଲେ ସତ୍ୟ

ସେ ପଲାଶ ଏବଂ ସ୍ମୃତିଙ୍କ ବିବାହ ଅଟକିବା ପଛରେ ତାଙ୍କର କୌଣସି ସଂପୃକ୍ତି ନଥିବା କଥାକୁ ସ୍ପଷ୍ଟ କରିଛନ୍ତି । ସେ କରିଥିବା ପୋଷ୍ଟରେ ଲେଖାଯାଇଛି ଯେ, ଗତ କିଛି ଦିନ ହେବ ଅନ୍ୟମାନଙ୍କ ବ୍ୟକ୍ତିଗତ ପ୍ରସଙ୍ଗରେ ମୋର ସମ୍ପୃକ୍ତି ଥିବା ଚର୍ଚ୍ଚା ହେଉଛି । ମୁଁ ସ୍ପଷ୍ଟ କରିବାକୁ ଚାହୁଁଛି ଯେ, ଏଥିରେ କୌଣସି ସତ୍ୟତା ନାହିଁ । ମୋର କୌଣସି ସମ୍ପୃକ୍ତି ନଥାଇ ବି ଏଭଳି ମୋ ନାମକୁ ଯୋଡାଯିବା ଖବର ମୋତେ ଆଘାତ ଦେଇଛି । ରେଡିଟ୍ ଭଳି ପ୍ଲାଟଫର୍ମରୁ ସୂଚନା ନେଇ ଗଣମାଧ୍ୟମ ଖବର ପ୍ରକାଶ କରୁଛି, ଯେଉଁ ପ୍ଲାଟଫର୍ମରେ ଯିଏ ଯାହା ଇଚ୍ଛା ତାହା ଲେଖିଦିଏ। ବହୁତ ଦିନ ଚୁପ୍ ରହିଲି।

ଆଉ ନୁହେଁ । କିଛି ଦୋଷ ନକରି ଏଭଳି ଆରୋପକୁ ମୁଁ ସହ୍ୟ କରିପାରୁନି । ଏଭଳି ଚର୍ଚ୍ଚା ହେବା ପରଠାରୁ ମୋ ପରିବାର ମାନସିକ ଚାପରେ ରହୁଛନ୍ତି । ବହୁତ ସଂଘର୍ଷ କରି ମୁଁ ମୁମ୍ବାଇ ଆସିଛି ଏବଂ ସଫଳ ହୋଇଛି। ଏଭଳି ମିଥ୍ୟା ଚର୍ଚ୍ଚା କରି ମୋର ଭାବମୂର୍ତ୍ତି ଖରାପ କରନ୍ତୁ ନାହିଁ । ଏହି ବିବାଦରେ ମୋତେ ଟାଣନ୍ତୁ ନାହିଁ । ଧୀରେ ଧୀରେ ସବୁ ସତ ସାମ୍ନାକୁ ଆସିବ ।

ମିଶିଲା ମନ, ରବିବାର ବାହାଘର

ଶେଷରେ ମିଶିଲା ମନ । ଏକାଠି ହେବେ ଲଭବାର୍ଡ । ଆଉ ନୁହେଁ, ହାତକୁ ହେବେ ବିହାତ । ଗ୍ରାଣ୍ଡ ୱେଡିଂ । ଫ୍ୟାନ୍ସଙ୍କୁ ଏମିତି ଗୁଡ୍ ନ୍ୟୁଜ୍ ଦେଇଛନ୍ତି ଗାୟକ ପଲାଶ ମୁଚ୍ଛଲ । ଖୁବ୍ ଶୀଘ୍ର ସେ କ୍ରିକେଟର ସ୍ମୃତି ମନ୍ଧାନାଙ୍କୁ ବିବାହ କରିବେ । ଗାୟକ ବିବାହ ତାରିଖ ବି ସେୟାର କରିଛନ୍ତି । ଏଥର କିନ୍ତୁ ପଲାଶ ଓ ସ୍ମୃତିଙ୍କ ବିବାହରେ କେବଳ ନିକଟତର ଲୋକମାନେ ସାମିଲ୍ ହେବେ ।

ଗାୟକ-ଫିଲ୍ମ ନିର୍ମାତା ପଲାଶ ମୁଚ୍ଛଲ ଓ କ୍ରିକେଟର ସ୍ମୃତି ମନ୍ଧାନାଙ୍କ ବିବାହ ନଭେମ୍ବର ୨୩ ତାରିଖରେ ହେବାର ଥି ଲା। କିନ୍ତୁ ସ୍ମୃତିଙ୍କ ପିତାଙ୍କ ହଠାତ୍ ଅସୁସ୍ଥତା ଯୋଗୁ ବିବାହକୁ ସ୍ଥଗିତ ରଖିବାକୁ ପଡିଥିଲା । ବିବାହ ସ୍ଥଗିତ ହେବାର ଆଠ ଦିନ ପରେ, ପଲାଶ ତାଙ୍କ ପ୍ରଶଂସକମାନଙ୍କ ସହିତ କିଛି ଭଲ ଖବର ସେୟାର କରିଛନ୍ତି । ଗଣମାଧ୍ୟମ ସହ କଥା ହୋଇ ସେ କହିଛନ୍ତି ସ୍ମୃତି ଓ ମୁଁ ଏହି ରବିବାର, ଅର୍ଥାତ୍ ଡିସେମ୍ବର ୭ ତାରିଖରେ ବିବାହ କରିବାକୁ ଯାଉଛୁ । ଯେଉଁଥିରେ କେବଳ ନିକଟତର ବନ୍ଧୁମାନେ ଉପସ୍ଥିତ ରହିବେ। ଗାୟକ ପ୍ରକାଶ କରିଛନ୍ତି ଯେ ବିବାହ ମହାରାଷ୍ଟ୍ରର ସାଙ୍ଗଲିରେ ହେବ । ବିବାହ ପୂର୍ବରୁ ଉଭୟ ପରିବାରରେ ଉତ୍ସବ ଆରମ୍ଭ ହୋଇସାରିଛି ।



ହରେନ୍ଦ୍ରଙ୍କ ଅଚାନକ ଇସ୍ତଫା

ଏକ ଅପ୍ରତ୍ୟାଶିତ ଘଟଣାକ୍ରମରେ, ଭାରତୀୟ ମହିଳା ହକି ଦଳର ମୁଖ୍ୟ ପ୍ରଶିକ୍ଷକ ହରେନ୍ଦ୍ର ସିଂହ ବ୍ୟକ୍ତିଗତ କାରଣ ଦର୍ଶାଇ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି । ହକି ଇଣ୍ଡିଆ ଏକ ବିବୃତ୍ତିରେ କହିଛି, ଭାରତୀୟ ମହିଳା ହକି ଦଳର ମୁଖ୍ୟ ପ୍ରଶିକ୍ଷକ ହରେନ୍ଦ୍ର ସିଂହ ବ୍ୟକ୍ତିଗତ କାରଣ ଯୋଗୁଁ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି । ହରେନ୍ଦ୍ର ସିଂହ ଏପ୍ରିଲ ୨୦୨୪ରେ ଏହି ପଦ ଗ୍ରହଣ କରିଥିଲେ ଏବଂ ୨୦୨୮ ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍ସ ପର୍ଯ୍ୟନ୍ତ ଦଳ ସହିତ ରହିବେ ବୋଲି ଆଶା କରାଯାଉଥିଲା । ସୂତ୍ର ଅନୁସାରେ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଦଳର ମୁଖ୍ୟ ପ୍ରଶିକ୍ଷକ ନେଦରଲାଣ୍ଡସର ମାରିଜନେ ପୁନର୍ବାର ଏହି ପଦକୁ ଫେରିପାରନ୍ତି । ହଠାତ୍ ଏକ ଘଟଣାକ୍ରମରେ, ହରେନ୍ଦ୍ର ସିଂହ ହକି ଇଣ୍ଡିଆକୁ ଏକ ଇମେଲ୍ ପଠାଇ ଜଣାଇଥିଲେ ଯେ ସେ ତୁରନ୍ତ ପ୍ରଭାବରୁ ଇସ୍ତଫା ଦେଉଛନ୍ତି । ସେ ଏହା ମଧ୍ୟ କହିଛନ୍ତି ଯେ ଏହା ଏକ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ନିଷ୍ପତ୍ତି ।

ଭାରତୀୟ ମହିଳା ହକି ଦଳର ପ୍ରଶିକ୍ଷକ ହେବା ମୋ କ୍ୟାରିୟରରେ ଏକ ପ୍ରମୁଖ ସଫଳତା । ମୁଁ ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଛି, କିନ୍ତୁ ମୋର ହୃଦୟ ସର୍ବଦା ଏହି ଚମତ୍କାର ଦଳ ସହିତ ରହିବ । ହକି ଇଣ୍ଡିଆ ସହିତ ମୋର ଯାତ୍ରା ମୋ ପାଇଁ ସ୍ୱତନ୍ତ୍ର ରହିବ ଏବଂ ମୁଁ ଭାରତୀୟ ହକିକୁ ସର୍ବୋଚ୍ଚ ସ୍ତରକୁ ଉନ୍ନୀତ କରିବା ପାଇଁ ସେମାନଙ୍କର ପ୍ରୟାସକୁ ସମର୍ଥନ କରିବି । ମାରିନ, ଯାହାଙ୍କ ମାର୍ଗଦର୍ଶନରେ ଭାରତୀୟ ମହିଳା ହକି ଦଳ ଟୋକିଓ ଅଲିମ୍ପିକ୍ସରେ ଐତିହାସିକ ଚତୁର୍ଥ ସ୍ଥାନ ହାସଲ କରିଥିଲା, ସେ ପ୍ରଶିକ୍ଷକ ଭାବରେ ଫେରିପାରନ୍ତି । ମାରିନ ଅଗଷ୍ଟ ୨୦୨୧ରେ ମହିଳା ହକି ଦଳର ମୁଖ୍ୟ ପ୍ରଶିକ୍ଷକ ପଦରୁ ଇସ୍ତଫା ଦେଇଥିଲେ ।

ଦଳର ଖରାପ ପ୍ରଦର୍ଶନକୁ ତାଙ୍କ ଇସ୍ତଫାର କାରଣ ବୋଲି ଉଲ୍ଲେଖ କରିଛନ୍ତି । ହକି ଇଣ୍ଡିଆର ଏକ ସୂତ୍ର କହିଛି, ଗତ ଦେଢ଼ ବର୍ଷ ମଧ୍ୟରେ, ପ୍ରଶିକ୍ଷକଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯିବା ସେ‰ ଦଳ ଆଶାନୁରୂପ ଫଳାଫଳ ଦେଇନାହିଁ । ଫିଟନେସ୍ ମଧ୍ୟ ଏକ ପ୍ରମୁଖ ସମସ୍ୟା ହୋଇଛି, ଏବଂ ଦଳର ଏକ ଡଜନ ଖେଳାଳି ଆହତ ହୋଇଛନ୍ତି । ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀ କହିଛନ୍ତି, ହରେନ୍ଦ୍ର ସିଂହଙ୍କୁ ତାଙ୍କ ସେବା ପାଇଁ ଧନ୍ୟବାଦ ଜଣାଉଛୁ ।

ରକୁଲ ପ୍ରୀତ ଏବେ ନିଜର ଫିଲ୍ମ ଦେଦେ ପ୍ୟାର ଦେ ୨କୁ ନେଇ ଖୁବ ଚର୍ଚ୍ଚାରେ ଅଛନ୍ତି । ତାଙ୍କ ଅଭିନୟକୁ ସମୀକ୍ଷକ ପ୍ରଶଂସା କରୁଥିବା ଦେଖିବାକୁ ମିଳୁଛି । ତାଙ୍କୁ ସବୁବେଳେ ଏଭଳି ଭର୍ସାଟାଇଲ ଚରିତ୍ରରେ ଦେଖିବାକୁ ମିଳୁଥିବାରୁ ସମସ୍ତେ ତାଙ୍କର ଫ୍ୟାନ ପାଲଟିଛନ୍ତି ।

ଭର୍ସାଟାଇଲ ରକୁଲ

ନିକଟରେ ଅଜୟ ଦେବଗନଙ୍କ ସହିତ ସ୍କ୍ରିନ ସେୟାର କରିଛନ୍ତି ରକୁଲ । ଫିଲ୍ମର କାହାଣୀ ଟିକେ ଭିନ୍ନ ହୋଇଥିବାରୁ ଏହା ଦର୍ଶକଙ୍କୁ ଆକୃଷ୍ଟ କରୁଛି । ଏଥିରେ ରକୁଲଙ୍କ ସହିତ ଅଜୟ ଦେବଗନ ଓ ଆର ମାଧବନ ମଧ୍ୟ ସ୍କ୍ରିନ ସେୟାର କରିଛନ୍ତି । ଜଣେ ଅଭିନେତ୍ରୀ ଏବଂ ମଡେଲ ଭାବେ ନିଜ କ୍ୟାରିୟର ଆରମ୍ଭ କରିଥିଲେ ରକୁଲ। ରକୁଲ ପ୍ରାୟତଃ ତେଲୁଗୁ ଚଳଚ୍ଚିତ୍ରରେ ଅଧିକ କାମ କରିଛନ୍ତି । ଏହା ସହିତ ସେ କିଛି ତାମିଲ, ହିନ୍ଦୀ ଏବଂ କନ୍ନଡ଼ ଫିଲ୍ମରେ ଅଭିନୟ କରିଛନ୍ତି । ରକୁଲ କଲେଜରେ ପଢୁଥିବା ସମୟରେ ମଡେଲିଂ ଆରମ୍ଭ କରିଥିଲେ ଏବଂ ସେହି ସମୟରେ ସେ ୨୦୦୯ ମସିହାରେ ଏକ କନ୍ନଡ଼ ଚଳଚ୍ଚିତ୍ର ଗିଲ୍ଲିରେ ପ୍ରଥମ ଅଭିନୟ ଆରମ୍ଭ କରିଥିଲେ । ୨୦୧୧ ମସିହାରେ ସେ ମିସ୍ ଇଣ୍ଡିଆ ଫେମିନାରେ ଅଂଶଗ୍ରହଣ କରିଥିଲେ ଏବଂ ୫ମ ସ୍ଥାନରେ ରହିଥିଲେ । ଯାହା ତାଙ୍କୁ ଖୁବ ଚର୍ଚ୍ଚିତ କରିଥିଲା । ସେହି ବର୍ଷ ସେ ତେଲୁଗୁ ଚଳଚ୍ଚିତ୍ରରେ ଅଭିନୟ ଆରମ୍ଭ କରିଥିଲେ । ଏହାର ପରବର୍ଷ ସେ ତାମିଲ କଥାଚିତ୍ର ଜଗତରେ ପାଦ ଦେଇଥିଲେ । ୨୦୧୪ରେ ସେ ହିନ୍ଦୀ କଥାଚିତ୍ର ଜଗତରେ ୟାରିୟାନ୍ ଚଳଚ୍ଚିତ୍ର ଜରିଆରେ ଅଭିନୟ ଆରମ୍ଭ କରିଥିଲେ । ରକୁଲ ପ୍ରୀତ ୧୯ ୯୦ ମସିହାରେ ଦିଲ୍ଲୀରେ ଜନ୍ମଗ୍ରହଣ କରିଥିଲେ । ରକୁଲ ତାଙ୍କର ବିଦ୍ୟାଳୟ ଶିକ୍ଷା ଆର୍ମି ପବ୍ଲିକ ସ୍କୁଲ, ଧୌଳ କୁଆନରୁ ଶେଷ କରିବା ପରେ ଜିଉସ୍ ଆଣ୍ଡ ମେରି କଲେଜ, ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ପାଠ ପଢିଥିଲେ । କେବଳ ଅଭିନୟ ନୁହେଁ ସେ ଜଣେ ଗଲ୍ଫ ଖେଳାଳୀ ମଧ୍ୟ । ତେବେ ପିଲାଦିନୁ ଅଭିନେତ୍ରୀ ହେବାକୁ ଇଚ୍ଛା ରଖିଥିବା ରକୁଲ, ୧୮ ବର୍ଷ ବୟସରେ କଲେଜ ପଢୁଥିବା ବେଳେ ମଡେଲିଂ ଆରମ୍ଭ କରିଥିଲେ । ୨୦୦୯ ରେ ରକୁଲ କନ୍ନଡ଼ କଥାଚିତ୍ର ଜଗତରେ ଅଭିନୟ ଆରମ୍ଭ କରିଥିଲେ । ଏହାପରେ ରକୁଲ ୨୦୧୧ରେ ଫେମିନା ମିସ୍ ଇଣ୍ଡିଆରେ ଅଂଶଗ୍ରହଣ କରିଥିଲେ, ଯେଉଁଥିରେ ସେ ୫ମ ସ୍ଥାନରେ ରହିଥିଲେ । ୨୦୧୪ରେ ସେ ୟାରିୟାନ୍ ଫିଲ୍ମ ଜରିଆରେ ବଲିଉଡରେ ଡେବ୍ୟୁ କରିଥିଲେ । ବର୍ତ୍ତମାନ ସୁଦ୍ଧା ଅନେକ ହିଟ୍ ପ୍ରୋଜେକ୍ଟ ରେ ଅଭିନୟ କରିଥିବା ରକୁଲଙ୍କୁ ଆଗକୁ ମଧ୍ୟ ଭଲ ପ୍ରୋଜେକ୍ଟ ରେ ଦେଖିବାକୁ ମିଳିବ ବୋଲି ତାଙ୍କ ଫ୍ୟାନ ଆଶା ରଖିଛନ୍ତି ।